ଆଜି - ରବିବାର
ତାରିଖ - ୨୦ ସେପ୍ଟେମ୍ବର ୨୦୨୬
ମାସ - କନ୍ୟା, ଦିନ - ୦୪
ତିଥି - ନବମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର -ପୂର୍ବାଷାଢ଼ା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୮: ୦୦
ସୂର୍ଯ୍ୟାସ୍ତ - ୫ : ୪୨ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରନ୍ତି, ସେ ପ୍ରକୃତରେ ନିଜର ହିଁ ମଙ୍ଗଳ କରିଥାନ୍ତି ।

- ରାମକୃଷ୍ଣ ପରମହଂସ


E-News : www.Ajikali epaper.com

Vol.- 41 ISSUE- 158 R.N.I. REGD. No. 44026/86 ବାଲେଶ୍ୱର ୨୦ ସେପ୍ଟେମ୍ବର ୨୦୨୬ ରବିବାର BALASORE 20 SEPTEMBER 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୨୦ତମ ରୋଜଗାର ମେଳାରେ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତିପତ୍ର ବଂଟନ କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ୨୦ତମ ରୋଜଗାର ମେଳାରେ ବିଭିନ୍ନ ସରକାରୀ ସଂସ୍ଥାରେ ନୂତନ ଭାବେ ନିଯୁକ୍ତ ୫୧,୦୦୦ରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଂଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ଘଟଣା ହଜାର ହଜାର ପରିବାର ପାଇଁ ଅପାର ଆନନ୍ଦ ଆଣିଦେଇଛି । ଏହା ନବନିଯୁକ୍ତମାନଙ୍କ ବ୍ୟକ୍ତିଗତ ପରିଶ୍ରମ ସହିତ ସେମାନଙ୍କ ଅଭିଭାବକମାନଙ୍କ ଅପାର ତ୍ୟାଗର ପ୍ରତିଫଳନ ମଧ୍ୟ । ଶ୍ରୀ ମୋଦୀ କହିଛନ୍ତି, 'ଜୀବନର ଏହି ନୂତନ ଆରମ୍ଭ ପାଇଁ ମୁଁ ଆପଣ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି ।''୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ଗଠନ ହେବାର ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ଦିଗରେ ଦେଶ ଅଗ୍ରସର ହେଉଥିବା ବେଳେ ନୂତନ ନିଯୁକ୍ତିପ୍ରାପ୍ତ ଯୁବକଯୁବତୀମାନଙ୍କୁ ଭାରତ ସରକାରଙ୍କ ପରିବାରକୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରତ୍ୟେକ ପ୍ରଶାସନିକ ନିଷ୍ପତି ମାଧ୍ୟମରେ ବିକଶିତ ଭାରତ ଏବଂ ଆତ୍ମନିର୍ଭର ଭାରତର ଦୁଇଟି ଅଭିଯାନକୁ ନିରନ୍ତର ସଶକ୍ତ କରିବାରେ ଯୁବବର୍ଗଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଯୁବପିଢ଼ିଙ୍କ ପ୍ରତି ସେମାନଙ୍କର ବିଶେଷ ଦାୟିତ୍ୱ ଉପରେ ମଧ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ନୂତନ ପିଢ଼ିର ପ୍ରତିଭା ଓ ଦକ୍ଷତା ବିଶ୍ୱର ଆସ୍ଥା ହାସଲ କରିଛି । ଏହା ଭାରତୀୟ ଉଦ୍ଭାବକ, ଉଦ୍ୟୋଗୀ ଏବଂ ଯୁବଶକ୍ତିଙ୍କଠାରୁ ବିଶ୍ୱସ୍ତରରେ ବିପୁଳ ଆଶା ସୃଷ୍ଟି କରିଛି । ଶ୍ରୀ ମୋଦୀ କହିଛନ୍ତି, "ଆମର ଉଦ୍ଭାବକ, ଉଦ୍ୟୋଗୀ ଏବଂ ଯୁବଶକ୍ତିଙ୍କ ଉପରେ ବିଶ୍ୱର ବହୁତ ଆଶା ରହିଛି ।"ସଦ୍ୟତମ ଶେଷ ହୋଇଥିବା ବ୍ରିକ୍ସ ସମ୍ମିଳନୀ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପାରମ୍ପରିକ ସରକାର-ସରକାର ମଧ୍ୟରେ ଆଲୋଚନା ଓ ସହଯୋଗଠାରୁ ଆହୁରି ଆଗକୁ ଅଗ୍ରସର ହୋଇ ଅନ୍ତର୍ଜାତୀୟ ସହଯୋଗକୁ ବ୍ୟାପକ କରିବା ହେଉଛି ସରକାରଙ୍କ ରଣନୀତି । ସେ କହିଛନ୍ତି ଯେ, ବ୍ରିକ୍ସ କନେକ୍ଟ ଏବଂ ବ୍ରିକ୍ସ ଏମଏସଏମଇ କୋପରେସନ ପୋର୍ଟାଲ୍ ଭଳି ପଦକ୍ଷେପ ଉଦ୍ୟୋଗୀ, କୃଷକ, ମହିଳା ଏବଂ ଯୁବପିଢ଼ିଙ୍କୁ ସିଧାସଳଖ ବିଶ୍ୱସ୍ତରୀୟ ସହଭାଗିତା ସହ ସଂଯୁକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି । "ସମସ୍ତେ ଏହି ସହଭାଗିତାରେ ସକ୍ରିୟ ଅଂଶଗ୍ରହଣକାରୀ ହେବା ଉଚିତ" ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।ଗତ କିଛି ବର୍ଷର ଅର୍ଥନୈତିକ କୂଟନୀତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ୪୦ଟି ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଅଭୂତପୂର୍ବ କ୍ୟାରିୟର ସୁଯୋଗର ଦ୍ୱାର ଉନ୍ମୋଚନ କରୁଛି । ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ଚୁକ୍ତିନାମାଗୁଡ଼ିକ ଦେଶୀୟ ଉଦ୍ୟୋଗୀଙ୍କ ପାଇଁ ନୂଆ ବଜାର ଓ ଗତିଶୀଳ ସହଭାଗିତାର ସୁଯୋଗ ସୃଷ୍ଟି କରିବା ସହିତ ଯୁବପିଢ଼ିଙ୍କ ପାଇଁ କ୍ୟାରିୟରର ନୂଆ ଦିଗ ଉନ୍ମୋଚନ କରୁଛି । "ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ ଆମ ଯୁବପିଢ଼ିଙ୍କ ପାଇଁ ସମ୍ଭାବନାର ନୂତନ ଦ୍ୱାର ଖୋଲୁଛି" ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ମଧ୍ୟପ୍ରଦେଶରେ ମର୍ମନ୍ତୁଦ ଦୁର୍ଘଟଣା : ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମଧ୍ୟପ୍ରଦେଶକୁ ବୁଲିବାକୁ ତଥା ଦେବଦର୍ଶନ ପାଇଁ ଯାଇଥିବା ଓଡ଼ିଶାର ଗୋଟିଏ ପରିବାରର ୭ ଜଣ ସଦସ୍ୟଙ୍କର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଦିଲ୍ଲୀରୁ ଫେରିବା ପରେ ମୃତକମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବା ଲାଗି ଘୋଷଣା ହୋଇଛି । ତେବେ ମଧ୍ୟପ୍ରଦେଶର ଆଗର-ମାଲଓ୍ୱା ଜିଲା ନଲଖେଡ଼ା ସ୍ଥିତ ପ୍ରସିଦ୍ଧ ମା' ବାଗଲାମୁଖୀ ମନ୍ଦିର ନିକଟରେ ଘଟିଥିବା ଏହି ଅଭାବନୀୟ ଘଟଣା ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳାଇ ଦେଇଛି । ସୂଚନାଯୋଗ୍ୟ, ଭୁବନେଶ୍ୱର ଜୟଦେବ ବିହାର ଅଂଚଳର ଏହି ପରିବାର ଗତ ସେପ୍ଟେମ୍ବର ୧୬ ତାରିଖରେ ଉଜ୍ଜୟିନୀ ଦର୍ଶନ ପାଇଁ ଯାଇଥିଲେ । ସେଠାରୁ ମା' ବାଗଲାମୁଖୀ ମନ୍ଦିର ଆଡ଼କୁ ଯାଉଥିବା ସମୟରେ, ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ପ୍ରବାହିତ ହେଉଥିବା ଏକ ଜଳସ୍ରୋତକୁ ଅତିକ୍ରମ କରିବାକୁ ଚେଷ୍ଟା କରିବା ବେଳେ ଗାଡ଼ିଟି ହଠାତ ଭାସି ଯାଇଥିଲା । ଏହି ଦୁର୍ଘଟଣାରେ କାରରେ ଥିବା ଓଡ଼ିଶାର ୭ ଜଣ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଓଡ଼ିଆଙ୍କ ମଧ୍ୟରେ ୩ ଜଣ ଶିଶୁ, ୨ ଜଣ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି, ଯେଉଁମାନଙ୍କ ପରିଚୟ ଶିବପ୍ରସାଦ ବେହେରା, ରୋଜାଲିନ ବେହେରା, ରୀତାରାଣୀ ବେହେରା, ଜ୍ଞାନେନ୍ଦ୍ର ବେହେରା, ସାଇ ସ୍ୱର୍ଣ୍ଣପ୍ରଭା ବେହେରା, କୃଷ୍ଣା ରାଜବୀର ଏବଂ ସାଇ ସ୍ୱସ୍ତିକ ବେହେରା ଭାବେ ଚିହ୍ନଟ କରାଯାଇଛି । ଏହି ଦୁଃଖଦ ଘଟଣାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ 'ଓଡ଼ିଶା ପରିବାର' ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟପ୍ରଦେଶ ପ୍ରଶାସନ ସହ ଯୋଗାଯୋଗ କରି ମୃତଦେହଗୁଡ଼ିକୁ ସମ୍ମାନର ସହ ଓଡ଼ିଶା ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କରୁଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ 'ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡ'ରୁ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

## ଅଳ୍ପରେ ଖବର

» ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଡ୍ରଗ୍ସ ଚୋରାଚାଲାଣ ଏବଂ ପ୍ରମୁଖ ନିବେଶ ଠକେଇ ସମ୍ବନ୍ଧୀୟ ଦୁଇଟି ପୃଥକ୍ ମନି ଲଣ୍ଡରିଂ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ହାଇଦ୍ରାବାଦ ଏବଂ ମନ୍ଦସୌରରେ ୯୦ ଲକ୍ଷରୁ ଅଧିକ ମୂଲ୍ୟର ଅଚଳ ସମ୍ପତି ଏବଂ ଇଣ୍ଡଷ୍ଟ୍ରିଆଲ୍ ଇନଭେଷ୍ଟମେଂଟ ଟ୍ରଷ୍ଟ ଲିମିଟେଡର ୪୨.୧୩ କୋଟି ଟଙ୍କାର ବର୍ତ୍ତମାନ ବଜାର ମୂଲ୍ୟର ୨୯,୪୬,୩୪୧ ଇକ୍ୱିଟି ସେୟାରକୁ ଜବତ କରିଛି ।

» ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେବା ପରେ ଫସଲ ବୀମା ଯୋଜନା ଅଧୀନରେ ୩୨ ଲକ୍ଷ କୃଷକ ପଞ୍ଜିକୃତ ହୋଇଛନ୍ତି । ଏହି ସଂଖ୍ୟା ସହିତ ପଶ୍ଚିମବଙ୍ଗ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନରେ ପହଁଚିଛି ।

» ଭାଦ୍ରପଦ ମାସର ଶୁକ୍ଳ ପକ୍ଷର ଅଷ୍ଟମୀ ତିଥିରେ ବାବା ମହାକାଳର ଭସ୍ମ ଆରତୀ ଶନିବାର ସକାଳେ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଥିବା ବିଶ୍ୱ ପ୍ରସିଦ୍ଧ ଶ୍ରୀ ମହାକାଳେଶ୍ୱର ମନ୍ଦିରରେ ରୀତିନୀତି ଏବଂ ସ୍ୱତନ୍ତ୍ର ସଜ୍ଜା ସହିତ ସମାପ୍ତ ହୋଇଛି ।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜନାଦେଶ ଦେଶର ଯୁବକଙ୍କ ମନର ପ୍ରତିବିମ୍ବ : ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ ନିର୍ବାଚନର ଫଳାଫଳକୁ ସମଗ୍ର ଭାରତର ଯୁବମାନଙ୍କ ମନର ପ୍ରତିବିମ୍ବ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ କେବଳ ଏକ ବିଶ୍ୱବିଦ୍ୟାଳୟ ନୁହେଁ, ବରଂ ଏଠାକୁ ଦେଶର ପ୍ରତ୍ୟେକ କୋଣରୁ ଛାତ୍ରଛାତ୍ରୀ ପଢ଼ିବାକୁ ଆସନ୍ତି ଏବଂ ତେଣୁ ଏଠାକାର ଜନାଦେଶ ଦେଶର ଯୁବମାନଙ୍କ ଚିନ୍ତାଧାରାକୁ ପ୍ରତିଫଳିତ କରେ । ଶାହ ଶନିବାର ସୋସିଆଲ ମିଡିଆ ମଂଚ ଏକ୍ସରେ ପୋଷ୍ଟ କରି ଡୁସୁ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଅଭାବିପ)ର ପ୍ରଦର୍ଶନ ପାଇଁ ସଂଗଠନର କାର୍ଯ୍ୟକର୍ତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ ଏହି ବିଜୟ ସେହି ଶକ୍ତିମାନଙ୍କ ପାଇଁ ସ୍ପଷ୍ଟ ବାର୍ତା, ଯେଉଁମାନେ ଯୁବଶକ୍ତିକୁ ରାଷ୍ଟ୍ରବିରୋଧୀ ଏଜେଣ୍ଡାର ପରୀକ୍ଷାଗାର କରିବାକୁ ଚାହୁଁଛନ୍ତି । ଦେଶର ଯୁବମାନେ 'ରାଷ୍ଟ୍ର ପ୍ରଥମ'ର ବିଚାରଧାରା ସହ ଦୃଢ଼ ଭାବେ ଠିଆ ହୋଇଛନ୍ତି । ଅନ୍ୟ ଏକ ପୋଷ୍ଟରେ ଗୃହମନ୍ତ୍ରୀ କହିଛନ୍ତି ଯେ ଡୁସୁ ନିର୍ବାଚନରେ ଅଭାବିପର ବିଜୟ ପରିଷଦର 'ରାଷ୍ଟ୍ର ପ୍ରଥମ'ର ବିଚାରଧାରା ଏବଂ ଛାତ୍ରହିତ ପ୍ରତି ତାହାର ସମର୍ପଣ ଉପରେ ଯୁବମାନଙ୍କ ଭରସାକୁ ଦର୍ଶାଏ । ସେ ବିଶ୍ୱାସ ପ୍ରକଟ କରିଛନ୍ତି ଯେ ପରିଷଦର କାର୍ଯ୍ୟକର୍ତାମାନେ ଏହି ବିଜୟରୁ ମିଳିଥିବା ନୂଆ ଶକ୍ତି ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଚାଲି ଛାତ୍ରହିତ ଏବଂ ରାଷ୍ଟ୍ର ନିର୍ମାଣର କାର୍ଯ୍ୟକୁ ଆଗକୁ ବଢ଼ାଇ ଚାଲିବେ ।ଡୁସୁ ନିର୍ବାଚନରେ ଏବିଭିପି ଚାରିଟି କେନ୍ଦ୍ରୀୟ ପଦ ମଧ୍ୟରୁ ତିନୋଟିରେ ବିଜୟ ହାସଲ କରିଛି । ଯଶ ଡବାସ ଅଧ୍ୟକ୍ଷ, ରିୟା ଛାଓ୍ୱଡ଼ୀ ସଚିବ ଏବଂ ଲକ୍ଷ୍ୟରାଜ ସିଂହ ଯୁଗ୍ମ ସଚିବ ନିର୍ବାଚିତ ହୋଇଛନ୍ତି । ସେହିପରି, ଉପାଧ୍ୟକ୍ଷ ପଦରେ ସ୍ୱାଧୀନ ପ୍ରାର୍ଥୀ ଦୀପାଂଶୁ ଶୌକୀନ ବିଜୟ ହାସଲ କରିଛନ୍ତି । ସେ ପୂର୍ବରୁ ଏନଏସୟୁଆଇ ସହ ଜଡ଼ିତ ଥିଲେ ।ଅଧ୍ୟକ୍ଷ ପଦରେ ଯଶ ଡବାସଙ୍କୁ ୨୪,୫୭୬ ଭୋଟ ମିଳିଥିବାବେଳେ ଏନଏସୟୁଆଇର ବିଜୟ ଶଙ୍କର ମୀଣାଙ୍କୁ ୨୨,୫୨୩ ଭୋଟ ମିଳିଛି ।

## ଭୁବନେଶ୍ୱର ଓ କଟକରେ ୨୦ତମ ଜାତୀୟ ରୋଜଗାର ମେଳା ଅନୁଷ୍ଠିତ ରୋଜଗାର ମେଳା ଭାରତ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ: ଜୁଏଲ ଓରାମ






ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଂଶତମ 'ରୋଜଗାର ମେଳା'ରେ ବିଭିନ୍ନ ସରକାରୀ ସଂସ୍ଥାରେ ନୂତନ ଭାବେ ନିଯୁକ୍ତ ଯୁବକ-ଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏହି କ୍ରମରେ ଭୁବନେଶ୍ୱର ଏବଂ କଟକରେ ଦୁଇଟି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି । ଭାରତ ସରକାରଙ୍କର ଆୟକର ବିଭାଗ, ଓଡ଼ିଶା ଶାଖା ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮୦ ରୁ ଅଧିକ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି । ଆୟକର ବିଭାଗ, ଡାକ ବିଭାଗ, ସିଆଇଏସଏଫ ଏବଂ ବିଭିନ୍ନ ସରକାରୀ ବ୍ୟାଙ୍କରେ ଏହି ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିଛି । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି, ରୋଜଗାର ମେଳା ଭାରତ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ । ଚଳିତ ଥର ଏହି ମେଳା ଦେଶର ୪୫ଟି ସ୍ଥାନରେ ୫୧ ହଜାର ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିଛି । ସରକାରୀ ସେବାରେ ନୂତନ ନିଯୁକ୍ତି ପ୍ରଦାନ କରିବା ଏବଂ ନବନିଯୁକ୍ତ କର୍ମଚାରୀମାନଙ୍କୁ ଦେଶସେବାରେ ସାମିଲ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ।କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ନବନିଯୁକ୍ତ ପ୍ରାର୍ଥୀମାନେ ଦାୟିତ୍ୱବାନ ଭାବେ ରାଷ୍ଟ୍ର ଗଠନରେ ସହାୟକ ହେବା ଆବଶ୍ୟକ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟ ଅନୁରୂପ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ହାତରେ ଏକ ବଡ ଦାୟିତ୍ୱ ରହିବ ।ଆଜି ମିଳିଥିବା ନିଯୁକ୍ତିକୁ ଏକ ଦାୟିତ୍ୱ ରୂପେ ଗ୍ରହଣ କରିବା ସହିତ ଭାରତ ସରକାରଙ୍କ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଏବଂ ଲୋକଙ୍କ ପାଖରେ ପହଂଚାଇବା ଲାଗି କେନ୍ଦ୍ର ମନ୍ତ୍ରୀ ଅପିଲ୍ କରିଥିଲେ । ମୁଖ୍ୟ ଆୟକର କମିଶନର ସରୋଜ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।

## ନୂଆଦିଲ୍ଲୀରେ ଆୟୋଜିତ ରାଜ୍ୟ ଅର୍ଥମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗ ଦେଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆଜି ନୂଆଦିଲ୍ଲୀରେ ଆୟୋଜିତ ରାଜ୍ୟ ଅର୍ଥମନ୍ତ୍ରୀ ଓ ଅର୍ଥ ସଚିବମାନଙ୍କ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଯୋଗ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।ଏହି ସମ୍ମିଳନୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ , ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଦେଶର ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀମାନେ ଯୋଗ ଦେଇଛନ୍ତି ।ଏହି ଅବସରରେ କେଭି ସିଂହଦେଓ କହିଛନ୍ତି ଯେ, "ବିକଶିତ ଭାରତ ଦିଗରେ ଭାରତର ଯାତ୍ରା ପାଇଁ ଅର୍ଥଯୋଗାଣ" ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ମଂଚ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଭାବନାକୁ ପ୍ରତିଫଳିତ କରୁଛି, ଯେଉଁଠାରେ ଶିକ୍ଷାଗତ ଗଭୀରତା ସହିତ ବ୍ୟବହାରିକ ନୀତି ମିଶି ଭାରତର ବିକାଶ ପଥକୁ ରୂପରେଖ ପ୍ରଦାନ କରୁଛି । ଏହି ଅବସରରେ ଆମେ ସମସ୍ତେ ମିଳି ଅର୍ଥଯୋଗାଣ ସମ୍ବନ୍ଧୀୟ ଆହ୍ୱାନ ଓ ନୀତିଗତ ପ୍ରାଥମିକତା ଉପରେ ବିଚାର-ବିମର୍ଶ କରୁଛୁ, ଯାହା ବିକଶିତ ଭାରତ ଦିଗରେ ଭାରତର ଯାତ୍ରାକୁ ଆକାର ଦେବ । ଏହି ସାମୂହିକ ଜାତୀୟ ମିଶନରେ ଓଡ଼ିଶା ନିଜର ଆର୍ଥିକ ଦୃଷ୍ଟିକୋଣ ଓ ଅବଦାନ ରଖିବା ପାଇଁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।

## ବିଭିନ୍ନ ପ୍ରସ୍ତାବ ଓ ମାମଲାର ତ୍ୱରିତ ଯାଂଚ ଏବଂ ସମାଧାନ କରିବାକୁ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗର ନିର୍ଦ୍ଦେଶ



ଭୁବନେଶ୍ୱର : ଜିଲ୍ଲା ତଥା କ୍ଷେତ୍ର ସ୍ତରରୁ ବିଭାଗକୁ ପଠାଯାଉଥିବା ବିଭିନ୍ନ ସ୍ପଷ୍ଟୀକରଣ, ଆଇନଗତ ମାମଲା ଏବଂ ନିର୍ଦ୍ଦେଶାବଳୀ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକର ସମ୍ପୂର୍ଣ୍ଣ ସମୀକ୍ଷା, ତଥ୍ୟ ଯାଂଚ ଏବଂ ସମୟଭିତିକ ଅନୁଧ୍ୟାନ ନିଶ୍ଚିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବିନା ପର୍ଯ୍ୟାପ୍ତ ସମୀକ୍ଷା, ଅସମ୍ପୂର୍ଣ୍ଣ ତଥ୍ୟ କିମ୍ବା ଆବଶ୍ୟକୀୟ ଦସ୍ତାବିଜ୍ ବିନା ପ୍ରସ୍ତାବ ପଠାଯାଉଥିବାରୁ ବାରମ୍ବାର ଚିଠି ଆଦାନପ୍ରଦାନ ହେବା ସହ କାର୍ଯ୍ୟ ବିଳମ୍ବ ହେଉଥିବା ବିଭାଗ ପକ୍ଷରୁ ଲକ୍ଷ୍ୟ କରାଯାଇଛି ।ଏହାକୁ ରୋକିବା ପାଇଁ ବିଭିନ୍ନ ଦିଗଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ଜିଲ୍ଲାପାଳମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି । ପ୍ରତ୍ୟେକ ପ୍ରସ୍ତାବରେ ଘଟଣାର ପୂରା ପୃଷ୍ଠଭୂମି, ସମ୍ପୃକ୍ତ ଆଇନ ତଥା ନିୟମ, ଏହାର ବିଶ୍ଳେଷଣ ଏବଂ ଜିଲ୍ଲାପାଳ କିମ୍ବା ସମ୍ପୃକ୍ତ କର୍ତୃପକ୍ଷଙ୍କ ମତାମତ ଓ ସୁପାରିଶ୍ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ । ଅଦାଲତ ମାମଲାର ସମୟଭିତିକ ପରିଚାଳନା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇ ଅଦାଲତଙ୍କ ଆଦେଶ, ଆଇନଗତ ସମୟସୀମା କିମ୍ବା ଅଦାଲତ ଅବମାନନା ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଶେଷ ମୁହୂର୍ତରେ ନପଠାଇ ଯଥେଷ୍ଟ ପୂର୍ବରୁ ବିଭାଗକୁ ପଠାଇବାକୁ କୁହାଯାଇଛି ।ଏଥିରେ କୌଣସି ପ୍ରକାରର ବିଳମ୍ବକୁ ଗ୍ରହଣ କରାଯିବ ନାହିଁ । ଓଡ଼ିଶା ଉଚ୍ଚନ୍ୟାୟାଳୟରେ ରିଟ୍ ଅପିଲ୍ କିମ୍ବା ସୁପ୍ରିମ୍ କୋର୍ଟରେ ଏସଏଲପି ଦାଖଲ ପାଇଁ ଆଇନ ବିଭାଗର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଯେଉଁ ସବୁ କ୍ଷେତ୍ରରେ ସରକାରୀ ନିୟମ କିମ୍ବା ମାର୍ଗଦର୍ଶିକା ସ୍ପଷ୍ଟ ରହିଛି, ସେଠାରେ ଅନାବଶ୍ୟକ ଭାବେ ସ୍ପଷ୍ଟୀକରଣ ପାଇଁ ବିଳମ୍ବ ନ କରି ଜିଲ୍ଲା ସ୍ତରରେ ନିଜେ ବିଶ୍ଳେଷଣ କରି ବିଚାରପୂର୍ବକ ନିଷ୍ପତି ନେବାକୁ କୁହାଯାଇଛି । ସମସ୍ତ ଚିଠିପତ୍ର ବିଭାଗର ଅଫିସିଆଲ୍ ଇ-ମେଲ୍ ମାଧ୍ୟମରେ ପଠାଯିବା ସହ ଅତ୍ୟନ୍ତ ଜରୁରୀ ପରିସ୍ଥିତିରେ ଆବଶ୍ୟକ ନଥିପତ୍ର ଦାଖଲ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଅସମ୍ପୂର୍ଣ୍ଣ କିମ୍ବା ବିଳମ୍ବରେ ପ୍ରସ୍ତାବ ପଠାଇବା ଯୋଗୁଁ ଯଦି କୌଣସି ଆଇନଗତ କିମ୍ବା ପ୍ରଶାସନିକ ସମସ୍ୟା ସୃଷ୍ଟି ହୁଏ, ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।





# ଚାନ୍ଦିପୁର ଠାରେ ଆନ୍ତର୍ଜାତୀୟ ସମୁଦ୍ର ଉପକୂଳ ସଫେଇ ଦିବସ-୨୦୨୬ ପାଳିତ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରସ୍ଥିତ ସମୁଦ୍ର ଉପକୂଳରେ ଆଜି ସକାଳ ୮.୦୦ ଘଟିକା ସମୟରେ ଆନ୍ତର୍ଜାତୀୟ ସମୁଦ୍ର ଉପକୂଳ ସଫେଇ ଦିବସ-୨୦୨୬ ଉତ୍ସାହ ଓ ସଚେତନତାର ସହ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ସମୁଦାୟ ଏବଂ ବିଭିନ୍ନ ଅଂଶୀଦାରମାନେ ସକ୍ରିୟ ଭାବେ ଯୋଗଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାମୁଦ୍ରିକ ଉପକୂଳ ପରିମଳ ଓ ଜୈବ ବିବିଧତାର ସୁରକ୍ଷା, ପ୍ଲାଷ୍ଟିକ୍ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଉପକୂଳ ପରିବେଶର ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା । ଏହି ଅବସରରେ ରେଡ୍ କ୍ରାବ୍ ଅଂଚଳରେ ଉପକୂଳ ସଫେଇ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗର ବିଭାଗୀୟ ବନ ଅଧିକାରୀ (ଉରଡ) ଶ୍ରୀଯୁକ୍ତ ପ୍ରତୀକ ଇନ୍ଦଲକର, ବାଲେଶ୍ୱର






ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଆଂଚଳିକ କାର୍ଯ୍ୟାଳୟର ଅଧିକାରୀ, ଶ୍ରୀଯୁକ୍ତ ମନମୋହନ ମୁର୍ମୁ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଅଧ୍ୟକ୍ଷ, ସ୍ନାତକୋତର ପରିଷଦ, ଫକୀର ମୋହନ ବଶ୍ୱବିଦ୍ୟାଳୟ ପ୍ରଫେସର ସନ୍ତୋଷ କୁମାର ଅଗରୱାଲା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଘଏଙ ପ୍ରତିନିଧି, ସ୍ଥାନୀୟ ଚଜଓ ସଦସ୍ୟ, ଠଝଝ ସଦସ୍ୟ, ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗର ବନ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଘଏଙ ପ୍ରତିନିଧି, ଚଜଓ ସଦସ୍ୟ, ଠଝଝ ସଦସ୍ୟ ଏବଂ ବନ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇ ଉପକୂଳ ଅଂଚଳରୁ ବିଭିନ୍ନ ପ୍ରକାରର ଆବର୍ଜନା ଓ ପ୍ଲାଷ୍ଟିକ୍ ସାମଗ୍ରୀ ସଫା କରିଥିଲେ । ଏଥିସହିତ ଆବର୍ଜନାକୁ ଦାୟିତ୍ୱପୂର୍ଣ୍ଣ ଭାବେ ନିଷ୍କାସନ କରିବା ଏବଂ ଉପକୂଳ ପରିବେଶକୁ ସୁରକ୍ଷିତ ରଖିବାରେ ସାମୂହିକ ଜନସହଭାଗିତାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା ।ଏହି ଅବସରରେ ସାମୁଦ୍ରିକ ଜୀବଜନ୍ତୁ, ଉପକୂଳୀୟ ଆବାସସ୍ଥଳୀ ଏବଂ ଜୈବ ବିବିଧତାର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ସହିତ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା ଏବଂ ଉପକୂଳ ସୁରକ୍ଷାର ବାର୍ତ୍ତାକୁ ସମାଜର ସମସ୍ତ ବର୍ଗଙ୍କ ନିକଟରେ ପହଂଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଜନସାଧାରଣଙ୍କ ନିକଟରେ ପହଂଚାଇବା ପାଇଁ ବିଭିନ୍ନ ଗଣମାଧ୍ୟମ ଓ ପ୍ରେସ୍ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମର ଖବର ସଂଗ୍ରହ କରିଥିଲେ । ଏହା ମାଧ୍ୟମରେ ଉପକୂଳ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ସ୍ୱଚ୍ଛ ଉପକୂଳ ସମ୍ପର୍କିତ ସଚେତନତା ବ୍ୟାପକ ଭାବେ ପ୍ରଚାରିତ ହୋଇଥିଲା । ଚାନ୍ଦିପୁର ରେଡ୍ କ୍ରାବ୍ ଠାରେ ଆନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ-୨୦୨୬ର ସଫଳ ଆୟୋଜନ ଉପକୂଳ ପରିବେଶର ସୁରକ୍ଷା ଏବଂ ଏକ ସ୍ୱଚ୍ଛ, ସୁସ୍ଥ ଓ ସ୍ଥାୟୀ ଉପକୂଳୀୟ ପରିବେଶ ଗଠନ ଦିଗରେ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ସମୁଦାୟ ଏବଂ ଛାତ୍ରଛାତ୍ରୀମାନଙ୍କର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ।

# ଶ୍ରୀ ଗଣେଶ ଏକାଡେମୀ ର ୧୦ମ ବାର୍ଷିକ ଉତ୍ସବ, ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର(ନି.ପ୍ର.) ଜିଲ୍ଲାରେ ବିଇଡି, ବିପିଇଡି,ଯୁକ୍ତ ଦୁଇ କଳା ଓ ବିଜ୍ଞାନ ଆଦି ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମଲ୍ଲିକାଶପୁର ସ୍ଥିତ ଶ୍ରୀ ଗଣେଶ ଏକାଡେମୀର ୧୦ମ ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ଏକାଡେମୀର ନିର୍ଦ୍ଦେଶକ କୌଶିକ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ ଯୋଗଦେଇ ସମୟର ସଦୁପଯୋଗ କରିବା ଓ ପାଠ ପଢି ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ କ୍ଷ ମୁଖ୍ୟବକ୍ତା ଭାବେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଯୋଗଦେଇ ଉପଯୁକ୍ତ ଶିକ୍ଷା ଓ ଶିକ୍ଷକଙ୍କ ମିଳନରେ ଉପଯୁକ୍ତ ଜ୍ଞାନ ଆରୋହଣ ହୋଇଥାଏ । ଏଥିସହ ନିଜକୁ ନିଜେ ସର୍ବପ୍ରଥମେ ଭଲ ପାଅ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବରୁଣ ସିଂ କଲେଜର ପ୍ରିନ୍ସପାଲ ବଳରାମ ପ୍ରଧାନ, ଏକାଡେମୀର ସମ୍ପାଦକ ସୁଦୀପ୍ତ ସାହୁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ଓ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରି ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରାଯାଇଥିଲା କ୍ଷ ନିର୍ଦ୍ଦେଶକ ଶ୍ରୀ ପ୍ରଧାନ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହିଅବସରେ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା କ୍ଷ ଏଥିସହିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ସମସ୍ତ କାର୍ଯ୍ୟରେ ଏକାଡେମୀ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

# ଜୁଡ଼ିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି ବାଲେଶ୍ୱର ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବାଲେଶ୍ୱର(ନି.ପ୍ର.) ଜୁଡ଼ିସୀଆଲ ହବ ନିର୍ମାଣ ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ଅଙ୍ଗାରଗଡ଼ିଆ ମୌଜାରେ ଥିବା ଜଳସେଚନ ବିଭାଗର ଜମି ଉପରେ ଏକ ନୂତନ ଜୁଡ଼ିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଅଛି । ହେଲେ ଉକ୍ତ ଜାଗା ଉପରେ ଏକ ସିଭିଲ ମୋକଦ୍ଦମା ଶ୍ରୀଯୁକ୍ତ ତୃତୀୟ ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ବିଚାରାଧିନ ରହିଅଛି । ଯାହାଦ୍ୱାରା ଉକ୍ତ ସ୍ଥାନରେ ଜୁଡ଼ିସୀଆଲ ହବ ନିର୍ମାଣ ସମ୍ଭବପର ଲାଗୁନଥିବା ବେଳେ ମାତ୍ର ବର୍ତ୍ତମାନ କୋର୍ଟ ଥିବା ସ୍ଥାନରେ ଛୋଟ ଛୋଟ କାର୍ଯ୍ୟାଳୟ ଗୁଡ଼ିକୁ ଜିଲ୍ଲାପାଳଙ୍କ ଦ୍ୱାରା ସ୍ଥାନାନ୍ତରଣ କରାଯାଇ ସେହି ସ୍ଥାନରେ ବହୁସ୍ତରୀ ବିଶିଷ୍ଟ କୋଠା ନିର୍ମାଣ କରି କୋର୍ଟ ସ୍ଥାପନ କରାଗଲେ ଓକିଲ, ମହକିଲ ଓ ଜନସାଧାରଣ ଉପକୃତ ହେବା ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମୀଳନୀରେ ମତପ୍ରକାଶ ପାଇଛି କ୍ଷ ତତସହ ବର୍ତ୍ତମାନ କୋର୍ଟ ଥିବା ସ୍ଥାନକୁ ଲାଗି ବିଭିନ୍ନ କାର୍ଯ୍ୟାଳୟ ଏବଂ ନ୍ୟାୟପାଳିକା କୋର୍ଟମାନ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟ ମାନ ରହିଥିବାରୁ ନୂତନ କୋର୍ଟ ଏହିଠାରେ ନିର୍ମାଣ କରାଗଲେ ଓକିଲ, ମହୁରିର, ଟାଇପିଷ୍ଟ, ଭେଣ୍ଡର ଏବଂ ମହକିଲମାନେ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ନ ହୋଇ ଉପକୃତ ହେବେ କ୍ଷ ଏନେଇ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ଦ୍ୱାରା ଏକ ମିଳିତ ଉଚ୍ଚସ୍ତରୀୟ କମିଟି ଗଠନ କରି ସର୍ଜମିନ ତଦନ୍ତ କରି ବର୍ତ୍ତମାନ ନୂତନ କୋର୍ଟ ନିର୍ମାଣ କରାଗଲେ ସର୍ବସାଧାରଣ ଉପକୃତ ହେବେ ବୋଲି କମିଟି ପକ୍ଷରୁ ଦାବୀ କରାଯାଇଛି କ୍ଷ ସାମ୍ବାଦିକ ସମ୍ମିଳନୀରେ ସଭାପତି ମାନସ ଦାସ ପଟ୍ଟନାୟକ, ସମ୍ପାଦକ ମାନସ ରଥ,ଆଇନଜୀବି ରଘୁନାଥ ମହାଳିକ, ପ୍ରଶାନ୍ତ ପ୍ରଧାନ, ସାହିତ୍ୟିକ କାଳିପଦ ପଣ୍ଡା,ଆଇନଜୀବି ପ୍ରଜ୍ଞାପରମିତା ବିଶ୍ୱାଳ,ଜିତେନ୍ଦ୍ର ଉପାଧ୍ୟାୟ,ମହମ୍ମଦ ଇସଲାମ,ବେଣୁଧର ରାଉତ,ସୁଦୀପ୍ତ ପାତ୍ର,ମୋହରରୀ ସଂଘର ଗିରିଶ ଦତ ଓ ଦ୍ରୋଣାଚାର୍ଯ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୁଡ଼ିସିଆଲ୍ ହବ୍ ତୁରନ୍ତ ନିର୍ମାଣ ଓ ଅନ୍ୟାନ୍ୟ ଦାବି ନେଇ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଆନ୍ଦୋଳନ ପ୍ରସ୍ତାବ ଗୃହୀତ

ବାଲେଶ୍ୱର, (ନି.ପ୍ର.): ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ ତୁରନ୍ତ ନିର୍ମାଣ ଦାବିରେ ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ପାଇଁ ସିଭିଲ୍ ସୋସାଇଟି ଶୁକ୍ରବାର ଦିନ ବୈଠକରେ ନିଷ୍ପ୍ତି ଗ୍ରହଣ କରିଛି । ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ମନୋଜ ନାୟକ ଆଲୋଚନା ବିଷୟ ଆଗତ କରିଥିଲେ । ଗତ ୨୦୨୩ ମସିହାରୁ ବାଲେଶ୍ୱରରେ ପ୍ରାୟ ୪ଶହ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ ଆଇଟିଆଇ ନିକଟସ୍ଥ ଜଳସେଚନ ବିଭାଗର ସ୍ଥାନରେ ନିର୍ମାଣ ପାଇଁ ନିଆଯାଇଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ସିଭିଲ୍ ସୋସାଇଟି ପକ୍ଷରୁ ମାନ୍ୟବର ସୁପ୍ରିମ୍ କୋର୍ଟ, ଓଡ଼ିଶା ହାଇକୋର୍ଟ, ବାଲେଶ୍ୱର ଜିଲ୍ଲା ଜଜ୍, ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ




ଏଥିପାଇଁ ବାରମ୍ବାର ଚିଠି ଲେଖାଯାଇଥିଲା । ସମସ୍ତ ଦପ୍ତରରୁ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଜୁଡ଼ିସିଆଲ୍ ହବ୍ ନିର୍ମାଣ ହେବ ବୋଲି କୁହାଯାଇଥିଲେ ମଧ କାହିଁକି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନାହିଁ ବୋଲି ଶ୍ରୀ ନାୟକ ପ୍ରଶ୍ନ ଉଠାଇଥବଲେ । ସେହିପରି ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗଣେଶ୍ୱରପୁର ମୌଜାରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ଦୀର୍ଘବର୍ଷଧରି ନିର୍ମାଣ କରାଯାଉନାହିଁ । ଫଳରେ ବସ୍‌ଗୁଡ଼ିକ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ରଖାଯିବାରୁ ଯାନବାହନ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ସହଦେବଖୁ୍ସ୍ଥିତ ବସ୍‌ଷ୍ଟାଣ୍ଡକୁ ବସ୍‌ଗୁଡ଼ିକ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ଦିଗକୁ ଥିବାରୁ ମୁଖ୍ୟରାସ୍ତାରେ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ବୋଲି ବୈଠକରେ ବହୁ ସଦସ୍ୟ ଆଲୋଚନା କରିଥିଲେ । ବାଲେଶ୍ୱର ସହରକୁ ପ୍ରମୁଖ ପ୍ରବେଶ ଓ ପ୍ରସ୍ଥାନ ରାସ୍ତାରେ ଥିବା ତାମୁଲିଆ ଓଭରବ୍ରିଜ୍‌ର ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଗତ ୨୦୧୯ରେ ନିର୍ମିତ ଏହି ବ୍ରିଜ୍‌ରେ ପ୍ରତିବର୍ଷ ମରାମତି କାର୍ଯ୍ୟରେ କୋଟିକୋଟି ଟଙ୍କା ବ୍ୟୟ ହେଉଛି । ତେଣୁ ଏହାର ବିଧିବଦ୍ଧ ତଦନ୍ତ ଓ ନିର୍ମାଣକାରୀ ସଂସ୍ଥା ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସିଭିଲ୍ ସୋସାଇଟି ଦାବି କରିଛି । ଏହି ଓଭରବ୍ରିଜ୍ ପାର୍ଶ୍ୱରେ ଅନ୍ୟ ଏକ ନୂତନ ବ୍ରିଜ୍ ନିର୍ମାଣ ପାଇଁ ଦାବି କରାଯାଇଛି ବୋଲି ସଭାପତି ଶ୍ରୀ ପ୍ରଧାନ ଅବଗତ କରାଇଥିଲେ । ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଆଇନଜୀବୀ ଦୀପକ ଦାଶ, ଗଣେଶ୍ୱର ରାଉତ ଓ ତୁଷାରକାନ୍ତି ମହାପାତ୍ର, ଜୟନ୍ତ ଦାସ, ଶରତ ଚନ୍ଦ୍ର ଦଳାଇ, କମଳାକାନ୍ତ ନାୟକ, କମଳାକାନ୍ତ ବେହେରା, କଲ୍ୟାଣୀ ନନ୍ଦ, ବିଜୟ କୁମାର ବେହେରା, ରଘୁନାଥ ନାୟକ ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଜୁଡ଼ିସିଆଲ୍ ହବ୍ ତୁରନ୍ତ ନିର୍ମାଣ ଦାବିରେ ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ପାଇଁ ପ୍ରସ୍ତାବ ଆଗତ କରିବା ପରେ ଏହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା । ଆସନ୍ତା ୨୩ ତାରିଖ ଦିନ ଜିଲ୍ଲାପାଳ ଓ ଜିଲ୍ଲା ଜଜ୍‌ଙ୍କୁ ଲିଖିତଭାବେ ସିଭିଲ୍ ସୋସାଇଟି ପକ୍ଷରୁ ଏ ସଂପର୍କରେ ଜଣାଇ ଦିଆଯିବ । କୋଷାଧ୍ୟକ୍ଷ ସନ୍ତୋଷ ସାହୁ ଆୟବ୍ୟୟର ହିସାବ ଆଗତ କରିଥିଲେ । ଶ୍ୟାମସୁନ୍ଦର ଜେନା ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ଲକ୍ଷ୍ମୀଧର ବେହେରାଙ୍କ ଶ୍ରଦ୍ଧାଂଜଳି ସଭା

ବାଲେଶ୍ୱର(ନି.ପ୍ର.)ଆଜି ସକାଳ ୧୧ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ସ୍ୱର୍ଗତ ସାମ୍ବାଦିକ ଲକ୍ଷ୍ମୀଧର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ସ୍ମୃତିଚାରଣ ସଭାରେ ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଶ୍ରୀ ପ୍ରସାନ୍ତ ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଗିରିଶ ଚନ୍ଦ୍ର ଦାସ, ଦାମୋଦର ନାୟକ, ଅନ୍ତର୍ଯ୍ୟାମୀ ବାବୁ, ସାମ୍ବାଦିକ ଉଜ୍ୱଳ ଚନ୍ଦ୍ର କର ଧ୍ୱନି ପ୍ରତିଧ୍ୱନି ଦୈନିକ ଖବରକାଗଜର ସମ୍ପାଦକ ଶ୍ରୀ ସୃଷ୍ଟି ଧର ପରିଡା, କମିଟିର ସମ୍ପାଦକ ଶ୍ରୀ ଗଗନ କୁମାର ସେଠୀ ମହୋଦୟ ମଂଚାସୀନ ହୋଇ ଲକ୍ଷ୍ମୀଧର ବେହେରାଙ୍କ ସହିତ ବିତେଇଥିବା ଦିନର ବହୁ ଅକୁହା କଥାମାନ ପ୍ରକାଶ କରିଥିଲେ ।ସେ କିଭଳି ଜଣେ ସାମ୍ବାଦିକ, ରାଜନେତା, ଗାଳ୍ପିକ ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ ସେ ବିଷୟରେ ଆଲୋଚନା କରିଥିଲେ । ଏହି ସ୍ମୃତିଚାରଣ ସଭାରେ ସେଉଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶ୍ରୀ ସୁଭେନ୍ଦୁ ଦାସ,କବି ତଥା ସାମ୍ବାଦିକ ଶର୍ବେଶ୍ୱର ଦାସ,ଓ କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।ଏହି ସ୍ମୃତି ଚାରଣ ସଭାରେ ସ୍ୱର୍ଗତ ବେହେରାଙ୍କ ପୁତ୍ର ସମ୍ପିତ ବେହେରା ପୁତ୍ର ବଧୂ ଓ ଝିଅ ମାନିନୀ ଉପସ୍ଥିତ ରହି ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ନିଜ ତରଫରୁ ଧନ୍ୟବାଦ ଦେବା ସହିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନିତ କରିଥିଲେ ।ଏହି ସଭାରେ କମଳାକାନ୍ତ ନାୟକ, ସୁରେନ୍ଦ୍ର ଜେନା, ପ୍ରଦିପ କୁମାର ବେରା, ସମ୍ପିଦ ବେହେରା ପୂର୍ଣ୍ଣଚନ୍ଦ୍ର



ବେହେରା ମହେଶ୍ୱର ମହାନ୍ତି,ହିରତିକ, ଧୀରଜ ଦାସ, ନାୟକ,ମିତାଞ୍ଜଳି ପାଣିଗ୍ରାହୀ ସରତ ସାମଲ,ସରତ ବାରିକ୍,ହେମନ୍ତ କୁମାର ମହାନ୍ତି, ସୀତାରାମ ପ୍ରଧାନ,ଅ୍ରଧେନ୍ଦୁ କୁମାର,ଚିଗଲି, ସୁଦିପ୍ତ ମହାନ୍ତି,ଗୟାଧର କର,ତପନ ଦାସ, ବିନାୟକ ମହାପାତ୍ର,କଞ୍ଚମଣୀ ସ୍ୱାଇଁ, ପଦ୍ମଲୋଚନ ଦତ,ସେକ ଅଜିମ,ମର୍ଯ୍ୟାଦା ମାନିନୀ ବେହେରା,ଆଶ୍ରୀତା ତରେଇ,ଯୋଶୋଦା ନନ୍ଦନ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସର୍ବଶେଷରେ ସାମ୍ବାଦିକ ସମ୍ପିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ବିୟୋଗରେ ଶୋକ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ଜିଲ୍ଲାର କୁନ୍ତଳା କୁମାରୀ ସାବତ ସରକାରୀ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବରିଷ୍ଠ ,ଅଭିଜ୍ଞ,କର୍ତବ୍ୟନିଷ୍ଠ, ଦାୟିତ୍ୱ ସମ୍ପନ୍ନ, ଛାତ୍ର ଓ ବନ୍ଧୁ ବତ୍ସଳ, ସାହସୀ ଓ ଦୂରଦୃଷ୍ଟି ସମ୍ପନ୍ନ ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ପାତ୍ରଙ୍କ ଗତ କାଲି ସନ୍ଧ୍ୟାରେ ବିୟୋଗ ଜନିତ ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ । ସେ ପୂର୍ବରୁ ଭରତୀୟ ସେନା ବାହିନୀରେ ଟେକ୍ନିସିଆନ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଅନେକ ବର୍ଷ ଧରି ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ପ୍ରାଧ୍ୟାପକ ଥିଲେ । ଆକାଉ[ ବର୍ଷାର, ଆୟକର ଓ ନାମ ଲେଖା ଅଧିକାରୀ ଭାବେ ଦାୟିତ୍ୱକୁ ଅତ୍ୟନ୍ତ କୃତିତ୍ୱର ସହ ସମ୍ପାଦନ କରିଥିଲେ । ତାଙ୍କର ଆତ୍ମାର ମୋକ୍ଷ ପ୍ରାପ୍ତି ନିମନ୍ତେ ଭଗବାନ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରାର୍ଥନା କରୁଛି । ଏହିଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି ।



# ଆସିଲା ବର୍ତନା ସମିତିର ସାର ନମୁନା ପରୀକ୍ଷା ରିପୋର୍ଟ

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତନା ସେବା ସମବାୟ ସମିତିରେ ନକଲି ସାର ବିକ୍ରି ନେଇ ଅଭିଯୋଗ ପରେ ଖଇରା କୃଷି ସୂଚନା ପରାମର୍ଶ କେନ୍ଦ୍ର ର ଅଧିକାରୀ ମାନେ ଚାଷୀଙ୍କ ନିକଟରୁ ସାର ନମୂନା ସଂଗ୍ରହ କରି ଭୁବନେଶ୍ୱର ଶହୀଦ ନଗରସ୍ଥିତ ପରୀକ୍ଷାଗାରକୁ ପଠାଇଥିଲେ । ଏବେ ନିକଟରେ ଉକ୍ତ ପରୀକ୍ଷା ରିପୋର୍ଟ ପ୍ରକାଶ କରାଯାଇଛି । ଏହି ରିପୋର୍ଟ ଅନୁଯାୟୀ ଡିଏପି(୧୮-୪୬-୦) ସାରରେ ସର୍ବନିମ୍ନ ନାଇଟ୍ରୋଜେନ୧୫.୫୦ ଓ ସର୍ବାଧିକ ୧୮ ପ୍ରତିଶତ ରହିବା କଥା ହେଲେ ବିଶ୍ଳେଷଣରେ ଯଥାକ୍ରମେ ସର୍ବନିମ୍ନ ୧୫.୧୨ ଓ ସର୍ବାଧିକ ୧୭.୯୨ ପ୍ରତିଶତ ଥିବା ଜଣାଯାଇଛି । ସେହିଭଳି ଫସଫରସ ମାତ୍ରା ୪୬ ପ୍ରତିଶତ ରହିବା କଥା ହେଲେ ବିଶ୍ଳେଷଣରେ ଏହା ୪୫.୭୯% ଥିବା ଦର୍ଶାଯାଇଛି । ଆର୍ଦ୍ରତା ୨.୫% ରହିବା କଥା ହେଲେ ତାଠାରୁ ଯଥେଷ୍ଟ ଅଧୀକ ଅର୍ଥାତ ୩.୨୦% ରହିବା କାରଣରୁ କଣିକାରେ ବୃଦ୍ଧି ଘଟିଥିବା ନେଇ ରିପୋର୍ଟରେ କୁହାଯାଇଥିବା ବେଳେ ଏହି କାରଣରୁ ସବିଶେଷ ରିପୋର୍ଟରେ ନନ-ଷ୍ଟାଣ୍ଡାର୍ଡ ବୋଲି ଦର୍ଶାଯାଇଛି । ଏ ସମ୍ପର୍କରେ ଖଇରା କୃଷି କାର୍ଯ୍ୟାଳୟର ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ସାହୁଙ୍କ ପ୍ରତିକ୍ରିୟା ନେବାରେ ଯବକ୍ଷାରଜାନ ଓ ଫସଫରସର ମାତ୍ରା ଠିକ ରହିଛି ହେଲେ ଚାଷୀଙ୍କ ବାରଣ୍ଡାରେ ଖୋଲାରେ ସାର ରହିଥିବାରୁ ରିପୋର୍ଟରେ ଆର୍ଦ୍ରତା ଅଧିକ ରହିଛି ଯେଉଁଥିପାଇଁ ସାର ନନ-ଷ୍ଟାଣ୍ଡାର୍ଡ ବୋଲି ଉଲ୍ଲେଖ କରାଯାଇଛି ।

# ଲିଟିଲ ଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ସୋର(ନିପ୍ର) : ସୋର ପୌରାଂଚଳ କମରପୁରସ୍ଥ ଲିଟିଲଷ୍ଟାର କ୍ଲବ ପକ୍ଷରୁ ପବିତ୍ର ଗଣେଶ ପୂଜା ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କମରପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପୂର୍ବତନ ସୋର ପୌରାଧକ୍ଷା ସସ୍ମିତା ଦାସ ଓ ପୂର୍ବତନ ପାରିଷଦ ରଞ୍ଜନ ଦାସ ଉଦଘାଟନ କରିଥିଲେ । ଶିବିରରୁ ମୋଟ ୩୨ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଡାକ୍ତର କମଲେଶ ଜାଠ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନିଳଗିରୀ ରକ୍ତ ଭଣ୍ଡାରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲ । କ୍ଲବର ସଭାପତି ସନ୍ଦୀପ ଅଗ୍ରୱାଲ, ସଂମ୍ପାଦକ ଶୁଶାନ୍ତ ମଣ୍ଡଳ ଓସମସ୍ତ ସଭ୍ୟ ସହଯୋଗ କରିଥିଲେ ।

# ଦୁଇ ଶିଶୁଙ୍କ ଖେଳକୁ ନେଇ ଲଙ୍କା କାଣ୍ଡ

ସୋର(ନିପ୍ର) : ସୋର ଥାନା ଅନ୍ତର୍ଗତ ମାଣିତ୍ରୀ ପଂଚାୟତର ରଙ୍ଗପତୀ ଗ୍ରାମରେ ଏକ ଅତ୍ୟନ୍ତ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଦୁଇ ଶିଶୁଙ୍କ ସାଧାରଣ ଖେଳକୁ କେନ୍ଦ୍ର କରି ଜଣେ ୱାର୍ଡ ମେମ୍ବର ୭ ବର୍ଷର ଜଣେ ନାବାଳକକୁ ନିର୍ମମ ଭାବେ ପକ୍କା ରାସ୍ତାରେ କଚାଡ଼ି ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗ୍ରାମରେ ପିଲାମାନେ ପରସ୍ପର ଭିତରେ ଖେଳୁଥିବା ସମୟରେ କୌଣସି ଏକ କଥାକୁ ନେଇ ପାଟିତୁଣ୍ଡ ଓ ଝଗଡ଼ା ହୋଇଥିଲା । ଏହି ସମୟରେ ଉତକ୍ଷିପ୍ତ ହୋଇ ୱାର୍ଡ ମେମ୍ବର ରମାକାନ୍ତ ଦଳେଇ ପୁରୁଷୋତମ ଦାସଙ୍କ ୭ ବର୍ଷର ପୁଅ ଶୁଭଙ୍କରଙ୍କୁ ଅତି ନିର୍ମମ ଭାବେ ପକ୍କା ରାସ୍ତାରେ କଚାଡ଼ି ଦେଇଥିଲେ । ଫଳରେ ଶିଶୁଟି ଗୁରୁତର ଭାବେ ଆହତ ହୋଇ ଅଚେତ ହୋଇପଡ଼ିଥିଲା । ପରିବାର ଲୋକେ ଏବଂ ସ୍ଥାନୀୟ ବାସିନ୍ଦାମାନେ ଗୁରୁତର ଅବସ୍ଥାରେ ଶୁଭଙ୍କରକୁ ଉଦ୍ଧାର କରି ପ୍ରଥମେ ସୋର ଡାକ୍ତରଖାନାରେ ଭର୍ତି କରିଥିଲେ । ମାତ୍ର ତାଙ୍କ ଅବସ୍ଥା ଅଧିକ ସାଂଘାତିକ ହେବାରୁ ତାଙ୍କୁ ତୁରନ୍ତ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ବର୍ତମାନ ମଧ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି । ଜଣେ ଦାୟିତ୍ୱସମ୍ପନ୍ନ ଜନପ୍ରତିନିଧି (ୱାର୍ଡ ମେମ୍ବର) ହୋଇ ମଧ ଏଭଳି ଅମାନୁଷିକ ଓ କ୍ରୁର ଆଚରଣକୁ ସ୍ଥାନୀୟ ଅଂଚଳରେ ତୀବ୍ର ନିନ୍ଦା କରାଯାଇଛି । ଘଟଣା ପରେ ସୋର ପୋଲିସ ଖବର ପାଇ ତୁରନ୍ତ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

# ହାତୀ ମାଡ଼ିଦେଲା ଧାନ ଫସଲ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ରେଞ୍ଜ ସୀମାନ୍ତବର୍ତୀ ଇଲାକାରେ ପୁଣି ଥରେ ହାତୀଙ୍କ ଉପଦ୍ରବ ଦେଖାଦେଇଛି । ଛତିଶଗଡ଼ ଜଙ୍ଗଲ ପଟୁ ସୀମା ପାର ହୋଇ ଆସିଥିବା ଏକ ହାତୀପଲ ଗତକାଲି ରାତିରେ ସିନାପାଲି ଅଂଚଳରେ ବ୍ୟାପକ ଆତଙ୍କ ସୃଷ୍ଟି କରିଛନ୍ତି । ହାତୀପଲ ଗ୍ରାମାଂଚଳରେ ପଶି ଚାଷୀଙ୍କ କଷ୍ଟଉପାର୍ଜିତ ଧାନ ଫସଲକୁ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ, ଗତକାଲି ରାତିରେ ସୀମାନ୍ତ ଘାଟମାଲ ଗ୍ରାମର ଜଙ୍ଗଲ ସଂଲଗ୍ନ ଜମିଗୁଡ଼ିକରେ ହାତୀପଲ ପଶିଆସିଥିଲେ । ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଫସଲ ପାଚିବା ସମୟରେ ହାତୀପଲ କ୍ଷେତରେ ପଶି ଫଳିଥିବା ଧାନକୁ ଖାଇବା ସହ ଦଳିଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି । ବିଶେଷ କରି ଜଙ୍ଗଲକୁ ଲାଗି ରହିଥିବା ଜମିଗୁଡ଼ିକରେ ବ୍ୟାପକ କ୍ଷତି ଘଟିଛି, ଯାହାଫଳରେ ଗାଁର କିଛି ଚାଷୀଙ୍କ ରୋଜଗାରର ମୂଳପିଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି । ପ୍ରତ୍ୟକ୍ଷଦର୍ଶୀ ଓ ସ୍ଥାନୀୟ ଲୋକଙ୍କ ଅନୁମାନ ଅନୁସାରେ, ଏହି ଦଳରେ ପ୍ରାୟ ୪ଟି ହାତୀ ରହିଛନ୍ତି । ପ୍ରତିଦିନ ରାତି ହେଲେ ହାତୀ ସୀମା ଅତିକ୍ରମ କରି ଗାଁ ପାଖକୁ ଆସୁଥିବାରୁ ସ୍ଥାନୀୟ ଅଂଚଳବାସୀ ଚିନ୍ତା ଓ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି । ସନ୍ଧ୍ୟା ହେଲେ ଘରୁ ବାହାରିବାକୁ ଲୋକେ ଭୟ କରୁଛନ୍ତି । ଏହି ସମ୍ପର୍କରେ ଖବର ପାଇବା ପରେ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଂଚି ହାତୀପଲଙ୍କ ଗତିବିଧି ଉପରେ କଡ଼ା ନଜର ରଖିଛନ୍ତି । ହାତୀପଲ ଯେପରି ଗାଁ ଭିତରକୁ ନ ପଶନ୍ତି ଏବଂ ଜନବସତି ଆଡ଼କୁ ନ ଆସନ୍ତି, ସେଥିପାଇଁ ବନ କର୍ମଚାରୀମାନେ ପାଟ୍ରୋଲିଂ ଜାରି ରଖିଛନ୍ତି । ଅପରପକ୍ଷରେ, ହାତୀ ଆକ୍ରମଣରେ ସର୍ବସ୍ୱ ହରାଇଥିବା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ଆକଳନ କରି ଉଚିତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଓ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି ।

# ୪୦ ଲକ୍ଷ ଟଙ୍କାର ହାଟ ପିଣ୍ଡି ମଦୁଆ ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ

ଧାମନଗର(ନିପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ଠାରେ ଥିବା ହାଟର ବିକାଶ ପାଇଁ ନିର୍ମାଣ କରାଯାଇଥିବା ୪୦ ଲକ୍ଷ ଟଙ୍କାର ହାଟ ପିଣ୍ଡି ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ସରକାରୀ ଅର୍ଥର ଅପବ୍ୟୟ ସାଙ୍ଗକୁ ଉଚିତ୍ ଯତ୍ନ ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି ପିଣ୍ଡି ଏବେ ବିଭିନ୍ନ ଆବର୍ଜନାରେ ପୂର୍ଣ୍ଣ ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଏହି ପରିତ୍ୟକ୍ତ ହାଟ ପିଣ୍ଡିରେ ମଦୁଆ ଓ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଛି । ଏହା ସମ୍ପୂର୍ଣ୍ଣ ଭାବେ ଅସାମାଜିକ କାର୍ଯ୍ୟକଳାପର ମୁଖ୍ୟ ଆଡ୍ଡାସ୍ଥଳୀ ପାଲଟିଥିବାରୁ ସନ୍ଧ୍ୟା ସମୟରେ ସାଧାରଣ ଲୋକେ ଏବଂ ବ୍ୟବସାୟୀମାନେ ଏହା ମଧକୁ ଯିବାକୁ ଭୟ କରୁଛନ୍ତି । ହାଟ ପିଣ୍ଡି ରେ ସାଧାରଣ ତ ବ୍ୟବସାୟ ଇତ୍ୟାଦି କରା ଯିବା କଥା କିନ୍ତୁ ସେଠାରେ ବେଆଇନି ଭାବରେ ବିଭିନ୍ନ ସାମଗ୍ରୀ ରଖା ଯାଉଚି ।ସେଠାରେ ବେଆଇନି ମଦକାରବାର ହେଉଥିବାର ଅଭି ଯୋଗ ହେଉଚି । ପରିତ୍ୟକ୍ତ ହାଟ ପିଣ୍ଡିକୁ ପରିଷ୍କାର-ପରିଚ୍ଛନ୍ନ କରି ବ୍ୟବହାରପୋଯୋଗୀ କରିବାକୁ ସହ ଅସାମାଜିକ କାର୍ଯ୍ୟ କଳାପ କୁ ବନ୍ଦ କରିବା ପାଇଁ ବିଭିନ୍ନ ମହଲ ରୁ ଦାବି ହେଉଛି । ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା ରେ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସେହିଁ ସରକାରୀ ଯୋଜନା କୁ ଏପରି ଅପବେଭାର କରିବା କେତେ ଦୁର ଠିକ । ଏହା କୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବିଭିନ୍ନ ମହଲ ରୁ ଦାବି ହେଉଛି ।


ଓଡ଼ିଶା ସରକାର
No. 24001/463/2627
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
****
ପ୍ରତ୍ୟାହାର ବିଜ୍ଞପ୍ତି

No. RDM-LAA-BDK-0002-2023 -33863 /R&DM, dated:07.08.2026

ଭୂମି ଅର୍ଜନ, ପୁନର୍ବାସ ଓ ଆଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୯୩(୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ରାଜ୍ୟ ସରକାର ଏତଦ ଦ୍ୱାରା ମୌଜା- **କଇଥଖୋଲା**, ଜିଲ୍ଲା- ଭଦ୍ରକରେ ଶିଳ୍ପ ପାର୍କ ପ୍ରକଳ୍ପ ପାଇଁ ଅଧିଗୃହୀତ **୨.୮୯ ଏକର** ଜମିରୁ **୦.୩୪ ଏକର** କ୍ଷେତ୍ର ପ୍ରତ୍ୟାହାର କରୁଛନ୍ତି, ଯାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଉପରୋକ୍ତ ଆଇନର ଧାରା ୧୧(୧) ରେ ଜାରି ହୋଇଥିବା ପ୍ରାଥମିକ ଅଧିସୂଚନା ସଂଖ୍ୟା ୩୧୬୪୭ ତା ୦୨.୦୯.୨୦୨୩ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୨୬୦୩ ତା ୧୩.୧୧.୨୦୨୩ ରିଖ ପ୍ରକାଶିତ ହୋଇଥିଲା ଏବଂ ଘୋଷଣା ସଂଖ୍ୟା ୪୫୦୬୬ ତା ୨୯.୧୧.୨୦୨୫ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୬୮୬ ତା ୧୭.୦୨.୨୦୨୬ ରିଖ ପ୍ରକାଶିତ ହୋଇଥିଲା । ସରକାରଙ୍କ ଦ୍ୱାରା ଉକ୍ତ ପ୍ରତ୍ୟାହୃତ ହେଉଥିବା ଜମିର ଦଖଲ ନିଆଯାଇ ନାହିଁ।

ଏଥି ସହିତ ପ୍ରତ୍ୟାହାର ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

ପ୍ରତ୍ୟାହାର ଭୂମି ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜାର ନାମ: କଇଥଖୋଲା
ଥାନା ଓ ନଂ.: ବାଁଶଡା, ୧୪୩
ତହସିଲ: ଚାନ୍ଦବାଲି
ଜିଲ୍ଲା: ଭଦ୍ରକ

11 (1) Notification No. 31647/R&DM Dt. 02.09.2023 (Ac.2.8900)

L.A. Case No. 3/22

| କ୍ର. ସଂ | ଖାତା ନଂ. | ଖସଡା ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ପ୍ରତ୍ୟାହାର ରକବା (ଏକର) | କିସମ | ଖାତାର ନୂତନ ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|---|
| ୧ | ୫୯ | ୫୫ | ୦.୩୫୦ | ୦.୧୨୦ | ୦.୦୫୦ | ଘରବାରି | ଯଶୋଦା ସାମଲ ସ୍ୱା:ବଂଶୀଧର ସାମଲ ଜା: ମହୁରିଆ ବା: ନିଜଗାଁ |
| ୨ | ୯୨ | ୫୭ | ୦.୫୦୦ | ୦.୫୦୦ | ୦.୨୯୦ | ଶାରଦ ଦୁଇ | ପାଗଳ ବେହେରା ପି:ରାଧୁ ବେହେରା ଜା: ନିଆରି ବା: ନିଜଗାଁ |
| | | ମୋଟ | ୦.୮୫୦ | ୦.୬୨୦ | ୦.୩୪୦ | | |

OIPR. 24001/24001/3/26-27/0151

ସ୍ୱା/-
ରାଜ୍ୟପାଳଙ୍କ ଆଦେଶାନୁସାରେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ



ଓଡ଼ିଶା ସରକାର
No. 24001/464/2627
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
****
ପ୍ରତ୍ୟାହାର ବିଜ୍ଞପ୍ତି

No. RDM-LAA-BDK-0004-2023 -33856 /R&DM, dated:07.08.2026

ଭୂମି ଅର୍ଜନ, ପୁନର୍ବାସ ଓ ଆଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୯୩(୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ରାଜ୍ୟ ସରକାର ଏତଦ ଦ୍ୱାରା ମୌଜା- **କଇଥଖୋଲା**, ଜିଲ୍ଲା- ଭଦ୍ରକରେ ଶିଳ୍ପ ପାର୍କ ପ୍ରକଳ୍ପ ପାଇଁ ଅଧିଗୃହୀତ **୦.୬୨ ଏକର** ଜମିରୁ **୦.୨୫ ଏକର** କ୍ଷେତ୍ର ପ୍ରତ୍ୟାହାର କରୁଛନ୍ତି, ଯାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଉପରୋକ୍ତ ଆଇନର ଧାରା ୧୧(୧) ରେ ଜାରି ହୋଇଥିବା ପ୍ରାଥମିକ ଅଧିସୂଚନା ସଂଖ୍ୟା ୩୨୬୩୨ ତା ୧୨.୦୯.୨୦୨୩ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୨୬୧୫ ତା ୧୩.୧୧.୨୦୨୩ ରିଖ ପ୍ରକାଶିତ ହୋଇଥିଲା ଏବଂ ଘୋଷଣା ସଂଖ୍ୟା ୪୫୦୮୦ ତା ୨୯.୧୧.୨୦୨୫ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୫୧୮ ତା ୦୭.୦୨.୨୦୨୬ ରିଖ ପ୍ରକାଶିତ ହୋଇଥିଲା । ସରକାରଙ୍କ ଦ୍ୱାରା ଉକ୍ତ ପ୍ରତ୍ୟାହୃତ ହେଉଥିବା ଜମିର ଦଖଲ ନିଆଯାଇ ନାହିଁ।

ଏଥି ସହିତ ପ୍ରତ୍ୟାହାର ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

ପ୍ରତ୍ୟାହାର ଭୂମି ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜାର ନାମ: କଇଥଖୋଲା
ଥାନା ଓ ନଂ.: ବାଁଶଡା, ୧୪୩
ତହସିଲ: ଚାନ୍ଦବାଲି
ଜିଲ୍ଲା: ଭଦ୍ରକ

11 (1) Notification No. 32632/R&DM Dt. 12.09.2023 (Ac.0.62)

L.A. Case No. 4/23

| କ୍ର.ସଂ | ଖାତା ନଂ. | ଖସଡା ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ପ୍ରତ୍ୟାହାର ରକବା (ଏକର) | କିସମ | ଖାତାର ନୂତନ ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|---|
| ୧ | ୧୯୩/୫୮୨ | ୫୭/୭୦୭ | ୦.୪୬୦ | ୦.୧୧୦ | ୦.୧୧୦ | ଘରବାରି | ପ୍ରଦୀପ କୁମାର ପଣ୍ଡା ପି:ଲକ୍ଷ୍ମୀଧର ପଣ୍ଡା ଜା: ବ୍ରାହ୍ମଣ ବା: ସା/ପୋ-ଗୁଆମାଳ,ଥାନା-ତିହିଡି,ଜିଲ୍ଲା-ଭଦ୍ରକ, 756163 |
| ୨ | ୯୨ | ୫୬ | ୦.୩୦୦ | ୦.୩୦୦ | ୦.୧୪୦ | ଶାରଦ ଦୁଇ | ପାଗଳ ବେହେରା ପି:ରାଧୁ ବେହେରା ଜା: ନିଆରି ବା: ନିଜଗାଁ |
| | | ମୋଟ | ୦.୮୬୦ | ୦.୪୧୦ | ୦.୨୫୦ | | |

OIPR. 24001/24001/3/26-27/0152

ସ୍ୱା/-
ରାଜ୍ୟପାଳଙ୍କ ଆଦେଶାନୁସାରେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ



NOTICE (FOR MINOR)

By virtue of an affidavit sworn before Executive Magistrate Balasore, dated 18.09.2026 I, Sudarsan Mandal, Address At.-Ganapati Nagar, Samalpur, Po-Balia, Ps-Indsustrial, Dist.-Balasore, Odisha-756056 declare that I have changed the name of my daughter's from Lopamudra Mandal to Lupamudra Mondal. Henceforth, she shall be known as Lupamudra Mondal for all purposes.

Sd/-
Sudarsan Mandal



AFFIDAVIT

By virtue of an affidavit dt.31/08/2026 before the court of executive magistrate soro, Balasore, I sek Majaphar Ahemed, aged 51 years, S/o- Omar alli of Vill-Paramahalla(Pathanmahala), Po- Soro, Dist-Balasore have declared that, in my Aadhar card bearing no.816176943345, and bank A/c. No.50230017289984 where in my name is recorded as sek Majaphar Ahemed which is my correct name . But in my LIC policy bearing no. 596911750 was recored as Majaphar as my nickname. Sek Majaphar Ahemed and Majaphar is same and one person in the above said address.

Sd/-
sek Majaphar Ahemed



No. 19001/258/2627

OFFICE OF THE PANCHAYAT SAMITI, JAMDA

e-mail – ori-jamada@nic.in

NoticeNo: 01/2026-27 Date: 18.09.2026

Sealed Tenders are invited from Registered Contractors towards Const. of 04 nos of Additional Class rooms under Jamda Block that may be downloaded from the district web site **https://mayurbhanj.odisha.gov.in**. The tender paper along with detail terms and conditions will be downloaded during office hour from **19.09.2026 to 03.10.2026.**

1. Sale of Tender Papers: - **19.09.2026 to 03.10.2026 up to 5.00 PM.**
2. Last Date of receipt of tender paper: - **03.10.2026 up to 5.00 PM.**
3. Date of opening of tender papers at Block conference Hall : - **05.10.2026 at 11.00 AM.**
4. Mode of receipt: **Through speed post/Registry post only** to **Block Development Officer, Jamda At/Po- Jamda Dist- Mayurbhanj Pin-757045.**
5. Envelop should be **super-scribed** with the name of the works for which tender paper is being submitted **otherwise will be rejected**.
6. The tender paper **received after due date or time** will liable for **rejection**.

Authority reserves the right to reject all or any of the tender without assigning any reasons thereof. Again the authority will not hold responsible for any postal delay.

OIPR. 19001/19274/1/26-27/0001

Sd/-
Block Development Officer, Jamda
Mayurbhanj



No. 32001/889/2627

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୟୁରଭଞ୍ଜ ଅନୁସନ୍ଧାନ ବିଭାଜନ, ଉଦଳା

OFFICE OF THE SUPERINTENDING ENGINEER,
MAYURBHANJ INVESTIGATION DIVISION, UDALA
AT/PO: UDALA, DIST: MAYURBHANJ, PIN: 757041
[Email Id: eemid.udala@rediffmail.com]
NIT No.: SE/MID/TCN- 06/2026-27 (online)

'e'-Procurement Notice

| | |
|---|---|
| Name of the Work | Forest Diversion Proposal & Obtaining Stage-I & Stage-II clearance from MoEF & CC, Govt. of India for forest land proposed for Diverson for Bhimkund Barrage Project at Rajnagar village in Patna block of Keonjhar district of Odisha. |
| Method of Selection | Percentage Rate Bid System (P1) |
| Period and Time of availability downloading tender documents in the portal online | 22.09.2026 at 11:00 AM to 06.10.2026 up to 3:00 PM |
| Last Date and time of seeking tender Clarification | 06.10.2026 up to 3:00 PM |
| Last Date and time for receipt tender documents Online. | 06.10.2026 up to 5:00 PM |
| Date of opening of Technical & Financial Proposal | 07.10.2026 at 11:00 AM |
| Period of Completion | 12 Months. |
| Estimated cost of work | Rs. 70.48 lakhs (excluding GST) approximately. |
| Place of Opening of Proposal: | O/o the Superintending Engineer, Mayurbhanj Investigation Division, Udala, At/Po: Udala, Mayurbhanj-757041 Email: eemid.udala@rediffmail.com |

Further details can be seen in the web site www.tendersodisha.gov.in.

OIPR. 32001/32292/1/26-27/0004

Sd/-
Superintending Engineer,
Mayurbhanj Investigation Division, Udala











ସଂସାର ଏକ ଦର୍ପଣ ପରି । ତୁମେ ହସିଲେ ଏହା ହସିବ । ତୁମେ ନାଲି ଆଖି ଦେଖାଇଲେ ସେ ମଧ୍ୟ ନାଲି ଆଖି ଦେଖାଇବ ।

# ଆଜିକାଲି



ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ
ଅଶ୍ୱ□ାମା ବିକର୍ଣ୍ଣଶ୍ଚ ସୌମଦ□ିସ୍ତଥୈବ ଚ ।
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ସେମାନେ ହେଉଛନ୍ତି ଆପଣ ଦ୍ରୋଣାଚାର୍ଯ୍ୟ, ପିତାମହ ଭୀଷ୍ମ, କର୍ଣ୍ଣ ଓ ସଂଗ୍ରାମବିଜୟୀ କୃପାଚାର୍ଯ୍ୟ ଏବଂ ଠିକ୍ ସେହିପରି ଅଶ୍ୱ□ାମା, ବିକର୍ଣ୍ଣ, ସୋମଦତ୍ତଙ୍କ ପୁତ୍ର ଭୂରିଶ୍ରବା ଏବଂ ଜୟଦ୍ରଥ ଆଦି ଅଛନ୍ତି

## ଫସଲ ବୀମା ଯୋଜନା

ଖରିଫ-୨୦୨୬ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନିରବଚ୍ଛିନ୍ନ ଓ ଫଳପ୍ରଦ କାର୍ଯ୍ୟକାରିତା ସହ ବିଭିନ୍ନ ନୀତିଗତ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଛି । କେନ୍ଦ୍ର ସରକାରଙ୍କ ପରାମର୍ଶ ଅନୁଯାୟୀ ଖରିଫ-୨୦୨୬ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ପୂର୍ବପରି ଜାରି ରଖିବା, ରାଜ୍ୟରେ ପ୍ରଚଳିତ ୬୦:୧୩୦ କପ୍ ଓ କ୍ୟାପ ମଡେଲ ଏବଂ ସ୍ଥାନୀୟ ବିପର୍ଯ୍ୟୟ ଓ ଅମଳ ପରବର୍ତ୍ତୀ କ୍ଷତି ଉପରେ ଏକ ବିସ୍ତୃତ ଆଲୋଚନା ହୋଇଛି । ପାଣିପାଗ ସୂଚନା ନେଟୱାର୍କ ଏବଂ ତଥ୍ୟ ପ୍ରଣାଳୀ ((ଡବ୍ଲୁଆଇ ଏନଡିଏସ) ପ୍ରକଳ୍ପ ଅଧୀନରେ ରାଜ୍ୟରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଓ ବର୍ଷା ପରିମାପକ ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଛି । ଉପଯୁକ୍ତ ସ୍ଥାନ ଚିହ୍ନଟ ପାଇଁ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଅଧିକ ଦକ୍ଷ ଓ ସ୍ୱଚ୍ଛ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ପ୍ରକଳ୍ପ ମନିଟରିଂ ୟୁନିଟ୍ (ଏସ୍‌ପିଏମ୍‌ୟୁ) ଗଠନ କରାଯାଇଛି । ଏହି ୟୁନିଟ୍‌ରେ ଷ୍ଟେଟ୍ ପ୍ରୋଜେକ୍ଟ ଲିଡ୍, ଆଇଇସି ବିଶେଷଜ୍ଞ, ଜିଆଇଏସ୍ ଓ ସଫ୍ଟୱେର ବିଶେଷଜ୍ଞ, କ୍ଷମତା ବିକାଶ ବିଶେଷଜ୍ଞ ଏବଂ କ୍ରୟ ବିଶେଷଜ୍ଞଙ୍କ ସମେତ ଏକ ଦକ୍ଷ ଟିମ୍ କାର୍ଯ୍ୟ କରୁଛି । ଏହି ୟୁନିଟ୍ ଯୋଜନାର ପର୍ଯ୍ୟବେକ୍ଷଣ, ଡିଜିଟାଲ୍ ପ୍ଲାଟଫର୍ମ ପରିଚାଳନା, ସଚେତନତା କାର୍ଯ୍ୟକ୍ରମ, ତଥ୍ୟ ପରିଚାଳନା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ଭଳି କାର୍ଯ୍ୟକୁ ସୁଦୃଢ଼ କରୁଛି । ବୈଠକରେ ରାଜ୍ୟ ପ୍ରକଳ୍ପ ମନିଟରିଂ ୟୁନିଟ୍‌ର କାର୍ଯ୍ୟକୁ ଅବ୍ୟାହତ ରଖିବା ସହ କୃଷି ଓ କୃଷକ ସଶକ୍ତିକରଣ ନିର୍ଦ୍ଦେଶାଳୟ ଏବଂ ସମବାୟ ବିଭାଗକୁ ଆବଶ୍ୟକ ଆର୍ଥିକ ସହାୟତା ଜାରି ରଖିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା କରାଯାଇଛି । ଫସଲ ବୀମା ଯୋଜନାରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା, ଏଗ୍ରିଷ୍ଟାକ ଓ କିଷାନ କ୍ରେଡିଟ୍ କାର୍ଡଧାରୀଙ୍କ ଶତପ୍ରତିଶତ ଅନ୍ତର୍ଭୁକ୍ତି, ଡିଜିଟାଲ୍ କ୍ରପ୍ ସର୍ଭେର ବ୍ୟବହାର, ଫସଲ କଟା ପରୀକ୍ଷଣ ତଥ୍ୟର ଶତପ୍ରତିଶତ ସଂଗ୍ରହ ଏବଂ ପ୍ରଯୁକ୍ତିଭିତ୍ତିକ ମନିଟରିଂ ଉପରେ ଗୁରୁତ୍ୱ ଦିଆଯାଇଛି ।

# ଆନ୍ଦୋଳନକାରୀ ନହେଁ, ଅରାଜକତାର ବୈଚାରିକ ପଥପ୍ରଦର୍ଶକ ହିଁ 'ଦିମାଗୀ ନକ୍ସଲ'



◆ ଡ.ସମନ୍ୱୟ ନନ୍ଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସ ଅବସରରେ ଦେଇଥିବା ସମ୍ବୋଧନରେ ଦିମାଗୀ ନକ୍ସଲ ଶବ୍ଦର ବ୍ୟବହାର କରିଥିଲେ ଓ ଏମାନଙ୍କ ଠାରୁ ଦେଶବାସୀଙ୍କୁ ସତର୍କ ରହିବାକୁ ଚେତାବନୀ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତ ସଶସ୍ତ୍ର ନକ୍ସଲବାଦୀ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଜିତି ସାରିଛି ହେଲେ ଯେଉଁ ମାନେ ମାନସିକ ଭାବେ ନକ୍ସଲବାଦୀ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧକୁ ଜିତିବାର ଅଛି । ତାଙ୍କର ଏହି ବକ୍ତବ୍ୟ ଆସିବା ପର ଠାରୁ ମୁଖ୍ୟଧାରାର ଗଣମାଧ୍ୟମ ଠାରୁ ଆରମ୍ଭ କରି ସୋସିଆଲ ମିଡିଆରେ ଏହାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇ ଯାଇଛି । ତାଙ୍କର ଏହି ବକ୍ତବ୍ୟ ଆସିବା ପରେ ବିଭିନ୍ନ ରାଜନୈତିକ ଦଳର କିଛି ନେତା ମାନେ ଏହାକୁ ବିରୋଧ କରିବା ଆରମ୍ଭ କରି ଦେଇଥିଲେ ଓ ସେମାନେ ନିଜକୁ ଦିମାଗୀ ନକ୍ସଲ ବୋଲି କହିବାକୁ ଆରମ୍ଭ କରି ଦେଇଥିଲେ । ତେବେ ସାମାଜିକ ଗଣମାଧ୍ୟମରେ ଯେଭଳି ଭାବେ ନ୍ୟାରେଟିଭ ତିଆରି କରାଯାଉଛି ଯେ ଯେଉଁ ବ୍ୟକ୍ତିବିଶେଷ ମାନେ ସରକାରଙ୍କ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିମାଗୀ ନକ୍ସଲ ଶବ୍ଦ ପ୍ରୟୋଗ କରିଛନ୍ତି । କଣ ଏପରି ଯେଉଁ ନ୍ୟାରେଟିଭ ତିଆରି କରାଯାଉଛି ତାହା କଣ ସତ ? କଣ ପ୍ରଧାନମନ୍ତ୍ରୀ ସରକାରଙ୍କ ବିରୋଧ କରୁଥିବା ଲୋକ ମାନଙ୍କୁ ଦିମାଗୀ ନକ୍ସଲ ବୋଲି କହିଛନ୍ତି ? ଏହି ଲେଖାରେ ଏ ସମ୍ପର୍କରେ ଆଲୋଚନା କରିବା ।

ବାସ୍ତବରେ ଯଦି ଆମେ ଅତ୍ୟନ୍ତ ସରଳ ଭାଷାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟକୁ ବୁଝିବାକୁ ଚେଷ୍ଟା କରିବା ତେବେ ବୁଝି ପାରିବା ଯେ ଯେଉଁ ମାନେ ନିଜେ ଦେଶ ବିରୁଦ୍ଧରେ ଅସ୍ତ୍ର ଶସ୍ତ୍ର ଉଠାଇ ନ ଥାନ୍ତି ବରଂ ଦେଶ ବିରୁଦ୍ଧରେ ଯୁଦ୍ଧ କରିବାକୁ ନିଜର କୃତ୍ୟ- ବାଣୀ ଦ୍ୱାରା ଲୋକ ମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି, ତାଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି କଥା କହିଛନ୍ତି । ଯେଉଁ ମାନଙ୍କ ମନରେ ଦେଶର ରାଜସତ୍ୱା ( ଯେଉଁ ଦଳର ସରକାର ଥାଉ ନା କାହିଁକି ) ତାକୁ ଉପାଡି ଦେବା ଉଦ୍ଦେଶ୍ୟରେ ପ୍ରଚାର କରିଥାନ୍ତି, ଭାରତର ସମ୍ବିଧାନକୁ ମାନନ୍ତି ନାହିଁ, ନିର୍ବାଚିତ ସରକାରକୁ ବେଆଇନ ବୋଲି କହି ବିଭିନ୍ନ ପ୍ରକାର କାର୍ଯ୍ୟକଳାପ କରିଥାନ୍ତି ତାଙ୍କ ଉଦ୍ଦେଶ୍ୟରେ ଏହି ଶବ୍ଦ ପ୍ରଧାନମନ୍ତ୍ରୀ ବ୍ୟବହାର କରିଛନ୍ତି । ତେଣୁ ଯେଉଁ ନ୍ୟାରେଟିଭକୁ ଜାଣି ଶୁଣି ଲୋକ ମାନଙ୍କୁ ଭ୍ରମିତ କରିବାକୁ ପ୍ରଚାର କରାଯାଉଛି ଯେ ଯେଉଁ ମାନେ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ଦିମାଗୀ ନକ୍ସଲ କୁହାଯାଉଛି ତାହା ସମ୍ପୂର୍ଣ୍ଣ ଭାବେ ଅସତ୍ୟ । ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର, ମୌଳିକ ଭିତିଭୂମିର ବିକାଶ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ବିଭିନ୍ନ ଦାବି କରୁଥିବା ଲୋକ ମାନଙ୍କ ଠାରୁ କୌଣସି ସମସ୍ୟା ନାହିଁ । ତେଣୁ, ଜାଣିଶୁଣି ଲୋକମାନଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଏଭଳି ଏକ ନାରେଟିଭ ପ୍ରଚାର କରାଯାଉଛି ଯେ, ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ବିରୋଧରେ ଆନ୍ଦୋଳନ କରୁଥିବା ସମସ୍ତଙ୍କୁ 'ଦିମାଗୀ ନକ୍ସଲ' ବୋଲି କୁହାଯାଉଛି । ବାସ୍ତବରେ ଏହି ଧାରଣା ସମ୍ପୂର୍ଣ୍ଣ ଅସତ୍ୟ ଓ ବିଭ୍ରାନ୍ତିକର ।ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର, ମୌଳିକ ଭିତିଭୂମିର ବିକାଶ ସମେତ ବିଭିନ୍ନ ଜନସମସ୍ୟାକୁ ନେଇ ନିଜ ଦାବି ଉପସ୍ଥାପନ କରିବା, ସରକାରଙ୍କ ନିକଟରେ ପ୍ରତିବାଦ ଜଣାଇବା କିମ୍ବା ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରିବା ନାଗରିକଙ୍କ ଗଣତାନ୍ତ୍ରିକ ଅଧିକାର । ଏଭଳି ଆନ୍ଦୋଳନ କରୁଥିବା ସାଧାରଣ ଲୋକଙ୍କଂଠାରୁ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ କୌଣସି ସମସ୍ୟା ନାହିଁ । ବରଂ ଏହା ଗଣତନ୍ତ୍ରକୁ ଆହୁରି ସମୃଦ୍ଧ ଓ ବଳିଷ୍ଠ କରିଥାଏ । ହେଲେ ବାସ୍ତବିକ ସମସ୍ୟା ସେହି ତତ୍ୱ ମାନଙ୍କ ଠାରୁ ରହିଛି ଯେଉଁ ମାନେ ଉପରୋକ୍ତ ପ୍ରସଙ୍ଗ ଗୁଡିକର ଆଳରେ ଅତ୍ୟନ୍ତ ଚତୁରତାର ସହ ଏଭଳି ବିମର୍ଶକୁ ପ୍ରଭାବିତ ଓ ପରିଚାଳିତ କରିଥାନ୍ତି ଓ ସେମାନଙ୍କ ଲୁଚି ଥିବା ଏଜେଣ୍ଡାକୁ ଧୀରେ ଧୀରେ ଆଗକୁ ବଢାଇଥାନ୍ତି । ଏହି ତତ୍ୱ ମାନେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ବିରୁଦ୍ଧରେ ଅନାସ୍ଥାର ବାତାବରଣ ତିଆରି କରି ଅରାଜକତା ଓ ହିଂସା ଦ୍ୱାରା ସଶସ୍ତ୍ର ବିପ୍ଲବର ସ୍ଥିତି ଉତ୍ପନ୍ନ କରିବା ଦିଗରେ କାମ କରିଥାନ୍ତି ଓ ଏହାକୁ ଉଚିତ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥାନ୍ତି । ତେଣୁ ଦିମାଗୀ ନକ୍ସଲ ଶବ୍ଦଟି ସାମ୍ପ୍ରତିକ ରାଜନୈତିକ ବିମର୍ଶରେ ସେହି ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କ ପାଇଁ ପ୍ରଯୁଜ୍ୟ ଯେଉଁମାନଙ୍କ ଉପରେ ପ୍ରତ୍ୟକ୍ଷ ଭାବେ ହିଂସାତ୍ମକ ନକ୍ସଲବାଦକୁ ସମର୍ଥନ ନକରି ମଧ୍ୟ ଏହାର ବିଚାରଧାରା, ନ୍ୟାରେଟିଭ୍ କିମ୍ବା ଉଦ୍ଦେଶ୍ୟକୁ ବୈଚାରିକ ସ୍ତରରେ ଆଗକୁ ବଢ଼ାଇବା ଦିଗରେ ସୁନିୟୋଜିତ ଭାବେ କାର୍ଯ୍ୟ କରିଥାନ୍ତି । ଏମାନଙ୍କର କାର୍ଯ୍ୟ ଶୈଳୀ ଉପରେ ସଂକ୍ଷିପ୍ତ ଭାବେ ଆଲୋଚନା କରିବା । ଏମାନଙ୍କର କାର୍ଯ୍ୟଶୈଳୀର ପ୍ରଥମ ଦିଗ ହେଲା ବୈଚାରିକ ନାରେଟିଭ୍ ପ୍ରସ୍ତୁତ କରିବା । ସରଳ ଶବ୍ଦରେ କହିବାକୁ ଗଲେ ସାମାଜିକ ଅସନ୍ତୋଷ, ଦାରିଦ୍ର୍ୟ, ବିସ୍ଥାପନ କିମ୍ବା ଅସମାନତା ଭଳି ପ୍ରସଙ୍ଗଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ବୈଚାରିକ ଦୃଷ୍ଟିକୋଣରୁ ଉପସ୍ଥାପନ କରିବା । ସେହିପରି ସେମାନଙ୍କର କାର୍ଯ୍ୟ ଶୈଳୀର ଦ୍ୱିତୀୟ ଦିଗଟି ହେଲା ରାଜ୍ୟ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ସୃଷ୍ଟି କରିବା । ସରକାରରେ ଯେଉଁ ଦଳ ଥାଉ ନା କାହିଁକି ଲୋକ ମାନଙ୍କର ଭୋଟରେ ନିର୍ବାଚିତ ସରକାର, ସରକାରୀ ପ୍ରଶାସନ ଏବଂ ସୁରକ୍ଷା ବ୍ୟବସ୍ଥା ପ୍ରତି ନିରନ୍ତର ଅବିଶ୍ୱାସର ପରିବେଶ ସୃଷ୍ଟି କରିବା ପାଇଁ ପ୍ରୟାସ କରିବା । ସେମାନଙ୍କର କାର୍ଯ୍ୟ ଶୈଳୀର ତୃତୀୟ ଦିଗଟି ହେଲା ସ୍ଥାନୀୟ ଅସନ୍ତୋଷକୁ ବୈଚାରିକ ପ୍ରସଙ୍ଗ ସହ ଯୋଡ଼ିବା ତଥା କୌଣସି ସ୍ଥାନୀୟ ବିବାଦ କିମ୍ବା ଆନ୍ଦୋଳନକୁ ଏକ ବ୍ୟାପକ ରାଜନୈତିକ-ବୈଚାରିକ ସଂଘର୍ଷର ରୂପରେ ଉପସ୍ଥାପନ କରିବା । ସେହିପରି କାର୍ଯ୍ୟ ଶୈଳୀର ତୃତୀୟ ଦିଗଟି ହେଲା କୌଣସି ନକ୍ସଲବାଦୀ ବିରୁଦ୍ଧରେ ଯେତେବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେତେବେଳେ ସେମାନଙ୍କୁ ନୀରିହ ଓ ନିରପରାଧ ବୋଲି ଦର୍ଶାଇ ସେମାନଙ୍କ ପାଇଁ ସହାନୁଭୂତିର ବାତାବାରଣ ସୃଷ୍ଟି କରିବାକୁ ଚେଷ୍ଟା କରିବା । ଦେଶରେ ଥିବା ମୁଖ୍ୟଧାରାର ଅନୁଷ୍ଠାନ ଯେପରିକି ବିଶ୍ୱ ବିଦ୍ୟାଳୟ, ବିଦ୍ୟାଳୟ, ସାମାଜିକ ସଂଗଠନ, ସାଂସ୍କୃତିକ ମଂଚ କିମ୍ବା ନାଗରିକ ଆନ୍ଦୋଳନ ଜରିଆରେ ନକ୍ସଲବାଦୀ ବିଚାରଧାରାକୁ ପ୍ରଚାରିତ କରିବା ଦିମାଗୀ ନକ୍ସଲ ମାନେ ବ୍ୟବହାର କରୁଥିବା ଭାଷା ଓ ଶବ୍ଦାବଳୀରୁ ମଧ୍ୟ ସେମାନଙ୍କୁ ଚିହ୍ନା ଯାଇ ପାରେ । ସେମାନେ ସାଧାରଣ ଭାବେ "ଶୋଷଣ", "ରାଜ୍ୟ ଦମନ", "ବିପ୍ଲବ" ଭଳି ଶବ୍ଦ ବ୍ୟବହାର କରିଥାନ୍ତି ଓ ଏହି ବୈଚାରିକ ଶବ୍ଦ ଓ ଫ୍ରେମ୍‌ୱର୍କ ମାଧ୍ୟମରେ ଘଟଣା ଗୁଡ଼ିକର ବ୍ୟାଖ୍ୟା କରିଥାନ୍ତି । ତେଣୁ ଯଦି ଆମେ ସରଳ ଭାଷାରେ ଏମାନଙ୍କର କାର୍ଯ୍ୟ କରିବାର ଶୈଳୀକୁ ଅନୁଧ୍ୟାନ କରିବା ତେବେ ଦେଖିବା ଯେ ଦିମାଗୀ ନକ୍ସଲ ମାନେ ବିଶ୍ୱବିଦ୍ୟାଳୟ, ସେମିନାର, ସାହିତ୍ୟିକ-ସାଂସ୍କୃତିକ ମଂଚ ଏବଂ ପତ୍ରପତ୍ରିକା ମାଧ୍ୟମରେ ମାଓବାଦୀ/ନକ୍ସଲୀ ବିଚାରଧାରାର ପକ୍ଷ ସମର୍ଥନ କରିବା ସହ ଏହାକୁ ବୌଦ୍ଧିକ ଆବରଣ ପ୍ରଦାନ କରିଥାନ୍ତି । ଲେଖା, ପୁସ୍ତକ, ଭାଷଣ ଓ ଆଲୋଚନା ମାଧ୍ୟମରେ ସଶସ୍ତ୍ର ବିପ୍ଲବ କିମ୍ବା 'ଲାଲ୍ କରିଡ଼ର' ଭଳି ଧାରଣାକୁ ସାଧାରଣ ଓ ଗ୍ରହଣୀୟ କରିବାର ପ୍ରୟାସ କରିଥାନ୍ତି । ସେହିପରି ଦିମାଗୀ ନକ୍ସଲ ମାନେ ଛାତ୍ର, ମହିଳା, ଶ୍ରମିକ, କୃଷକ, ଅନୁସୂଚିତ ଜାତି – ଜନଜାତି ଏବଂ ସଂଖ୍ୟାଲଘୁ ମାନଙ୍କୁ କେନ୍ଦ୍ର କରି ବିଭିନ୍ନ ସଂଗଠନ ନାମରେ 'ଫ୍ରଂଟ' କିମ୍ବା 'ମୁଖା ପିନ୍ଧା ସଂଗଠନ ' ଗଠନ କରି ସେଗୁଡ଼ିକ ମାଧ୍ୟମରେ ବିଚାରଧାରା ପ୍ରସାର କରିଥାନ୍ତି । ପ୍ରତ୍ୟକ୍ଷ ଭାବେ ମଂଚ ମିଳୁନଥିବା ସ୍ଥାନରେ ଅନ୍ୟ ଚାଲୁଥିବା ସଂଗଠନ କିମ୍ବା ଗୋଷ୍ଠୀରେ ଅନୁପ୍ରବେଶ କରି ସେମାନଙ୍କ ଏଜେଣ୍ଡାକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥାନ୍ତି । ଏମାନେ ସମ୍ବାଦପତ୍ର, ଟେଲିଭିଜନ୍ ଚ୍ୟାନେଲ୍ ଏବଂ ଡିଜିଟାଲ୍ ମଂଚ ମାଧ୍ୟମରେ ସରକାର 'ବ୍ୟବସ୍ଥା ବିରୋଧୀ' ଭାବନାକୁ ପ୍ରୋତ୍ସାହିତ କରିଥାନ୍ତି । ସାମାଜିକ ଗଣମାଧ୍ୟମରେ ତଥ୍ୟକୁ ବିକୃତ କରି ଉପସ୍ଥାପନ କରିବା, ଭାବପ୍ରବଣ କାହାଣୀ ଗଢ଼ିବା ଏବଂ ସୁରକ୍ଷା ବାହିନୀ କିମ୍ବା ରାଜ୍ୟ ବ୍ୟବସ୍ଥା ବିରୋଧରେ ନକାରାତ୍ମକ ଧାରଣା ସୃଷ୍ଟି କରିବା ଏମାନଙ୍କର କାର୍ଯ୍ୟଶୈଳୀର ଅଂଶବିଶେଷ । ଦିମାଗୀ ନକ୍ସଲ ମାନେ ସଶସ୍ତ୍ର ନକ୍ସଲୀମାନଙ୍କୁ ଆଇନଗତ ସହାୟତା ଯେପରିକି ଯଥା ଓକିଲ, ଜାମିନ ଆଦି ପାଇଁ ବ୍ୟବସ୍ଥା କରିବା ସହ ଆର୍ଥିକ ସହାୟତା, ପାଣ୍ଠି ସଂଗ୍ରହ ଏବଂ ଦାନର ମାଧ୍ୟମରେ ସହଯୋଗ କରିଥାନ୍ତି । ଏନଜିଓ ମାନବାଧିକାର ମଂଚ ଏବଂ ବୁଦ୍ଧିଜୀବୀ ନେଟୱର୍କ ମାଧ୍ୟମରେ 'ନୈତିକ ସମର୍ଥନ' ଯୋଗାଇବା ଏବଂ ଏଭଳି ପ୍ରସଙ୍ଗକୁ ଅନ୍ତର୍ଜାତୀୟ ସ୍ତରରେ ଉଠାଇବାର ପ୍ରୟାସ କରିଥାନ୍ତି । ଦିମାଗୀ ନକ୍ସଲ ମାନେ କ୍ୟାମ୍ପସ୍ ରାଜନୀତି, ଛାତ୍ର ସଂଗଠନ ଏବଂ ଯୁବ ମଂଚ ମାଧ୍ୟମରେ 'ରାଷ୍ଟ୍ର, ସମ୍ବିଧାନ, ନ୍ୟାୟପାଳିକା ଓ ସୁରକ୍ଷା ବାହିନୀ' ପ୍ରତି ଅବିଶ୍ୱାସ ସୃଷ୍ଟି କରିବାର ପ୍ରୟାସ କରିଥାନ୍ତି । ସେମିନାର, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମାଜିକ ଗଣମାଧ୍ୟମ ଅଭିଯାନ ମାଧ୍ୟମରେ ଯୁବପିଢ଼ିଙ୍କୁ ଆକର୍ଷିତ କରିବା ସେମାନଙ୍କର କାର୍ଯ୍ୟପଦ୍ଧତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ପ୍ରଧାନମନ୍ତ୍ରୀ ମୋଦୀ ଦିମାଗୀ ନକ୍ସଲ ଶବ୍ଦର ପ୍ରୟୋଗ ଏହି ଉପର ଲିଖିତ ବର୍ଗଙ୍କ ପାଇଁ କରିଛନ୍ତି । ଗଣତାନ୍ତ୍ରିକ ପଦ୍ଧତିରେ ଅଧିକାର ପାଇଁ ଲଢେଇ ଲଢିବା ଦ୍ୱାରା ଗଣତନ୍ତ୍ର ମଜବୁତ ହୋଇଥାଏ । ହେଲେ ଅଧିକାର ପାଇଁ ଲଢେଇ ବାହାନାରେ ରାଜ୍ୟ ବ୍ୟବସ୍ଥା ବିରୁଦ୍ଧରେ ଅନାସ୍ଥାର ବାତାବାରଣ ତିଆରି କରି ଅତ୍ୟନ୍ତ ଚତୁରତାର ସହ ଅରାଜକତା ସୃଷ୍ଟି କରି ଲାଲ ବିପ୍ଲବ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ପ୍ରୟାସ କରୁଥିବା ଲୋକ ମାନେ ହିଁ ଦିମାଗୀ ନକ୍ସଲ ।

## ସଂଗ୍ରାମୀ ଆନି ବେସାନ୍ତ



ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଦୃଢ଼ ସମର୍ଥକ ଭାବେ ଆନିବେସାନ୍ତ ସୁପରିଚିତ । ମହିଳାଙ୍କ ସ୍ୱାର୍ଥରକ୍ଷା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ବ୍ରିଟେନରେ ଜନ୍ମିତା ଆନିବେସାନ୍ତ ଏକାଧାରରେ ଥିଲେ ଜଣେ ବ୍ରହ୍ମବିଦ୍ୟା ବିଶେଷଜ୍ଞ, ଜାତୀୟତାବାଦୀ, ଲେଖିକା ତଥା ସମାଜ ସୁଧାରିକା । ଭାରତ ସମେତ ଆୟାର୍ଲ୍ୟାଣ୍ଡ ସ୍ୱାଧୀନତା ସଂଗ୍ରାମର ମଧ୍ୟ ସେ ସମର୍ଥକ ଥିଲେ । ୧୮୪୭ ଅକ୍ଟୋବର ୧ ତାରିଖରେ ଲଣ୍ଡନର କ୍ଲାପହାମ୍‌ଠାରେ ତାଙ୍କ ଜନ୍ମ । ସେ ଜାତୀୟ ଧର୍ମନିରପେକ୍ଷ ସମାଜ ନାମକ ଏକ ସଂଘର ବକ୍ତାଭାବେ କାର୍ଯ୍ୟ କରିଥିଲେ । ପରେ ସେ ମହିଳାଙ୍କ ଅଧିକାର ପାଇଁ ଲଢ଼ିବା ଆରମ୍ଭ କରିଥିଲେ । ସେତେବେଳେ ସେ ଲଣ୍ଡନର ଦିଆସିଲି କାଠି ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ମହିଳାଙ୍କ ସମର୍ଥନ କରିଥିଲେ । ଯେଉଁ ସମୟରେ ମହିଳାଙ୍କୁ ଘରୁ ବାହାରିବା ପାଇଁ ବାରଣ କରାଯାଉଥିଲା ସେଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆନିବେସାନ୍ତ ନିର୍ବାଚନ ଲଢ଼ିଥିଲେ । ସର୍ବାଧିକ ଭୋଟ ପାଇ ସେ ଲଣ୍ଡନ ସ୍କୁଲ ବୋର୍ଡ଼ରୁ ନିର୍ବାଚିତ ହୋଇଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ସେ ଥିଲେ ପ୍ରଥମ ବିଦେଶୀ ମହିଳା । ବ୍ରହ୍ମବିଦ୍ୟାର ସମର୍ଥକ ହେବା ପରେ ଆନିବେସାନ୍ତ ୧୮୯୩ ମସିହାରେ ପ୍ରଥମଥର ପାଇଁ ଭାରତ ଆସିଥିଲେ । ବାରଣାସୀରେ ସେ କେନ୍ଦ୍ରୀୟ ହିନ୍ଦୁ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହାପରେ ଆନିବେସାନ୍ତ ଭାରତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ମହାତ୍ମାଗାନ୍ଧୀ ଓ ଜବାହାରଲାଲ ନେହେରୁଙ୍କ ସହ ତାଙ୍କର ଘନିଷ୍ଠତା ବଢ଼ିବା ପରେ ଆନିବେସାନ୍ତ ଭାରତରେ ମହିଳାଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରି ଚର୍ଚ୍ଚାକୁ ଆସିଥିଲେ । ବିଶ୍ୱଯୁଦ୍ଧ ସମୟରେ ସେ ହୋମ୍ ରୁଲ ଲିଗ୍ ଅଭିଯାନ ଚଳାଇବାରେ ସାହାଯ୍ୟ କରିଥିଲେ । ୧୯୧୭ରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଆନିବେସାନ୍ତଙ୍କ ପାରିବାରିକ ଜୀବନ ବହୁତ ଦୁଃଖଦପୂର୍ଣ୍ଣ ଥିଲା । ପ୍ରେମ ବିବାହ କରିଥିଲେ ମଧ୍ୟ ଆନିବେସାନ୍ତଙ୍କ ବୈବାହିକ ଜୀବନ ଖୁବ୍ କମ ଦିନ ଭଲରେ ବିତିଥିଲା । ଦୁଇଟି ସନ୍ତାନ ପରେ ସ୍ୱାମୀଙ୍କ ଠାରୁ ଦୂରେଇ ଯାଇଥିଲେ ସେ । ଜୀବନର ଶେଷ ପର୍ଯ୍ୟନ୍ତ ସେ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ଜାରି ରଖିଥିଲେ । ୧୯୩୩ ସେପ୍ଟେମ୍ବର ୨୦ ଆଜିର ଦିନରେ ମାଡ୍ରାସର ଆଦ୍ୟାରଠାରେ ତାଙ୍କର ଦେହାନ୍ତ ହୋଇ ଥିଲା । ଆନିବେସାନ୍ତଙ୍କ ରଚନାଗୁଡ଼ିକ ମଧ୍ୟରେ ଦ ପଲିଟିକାଲ ଷ୍ଟାଟସ୍ ଅଫ୍ ଓମେନ୍, ଖ୍ରୀଷ୍ଟିଆନିଟି, ଦ ଲ ଅଫ୍ ପପୁଲେସନ, ମାଇଁ ପାଥ୍ ଟୁ ଆଥେଇଜିମ୍, ଦ ଆଥେଲେଟିକ୍ ପ୍ଲାଟଫର୍ମ: ୧୨ ଲେକଚର, ହ୍ୱାଇ ଆଇ ଆମ୍ ଏ ସୋସିଆଲିଷ୍ଟ ଆଦି ପ୍ରମୁଖ ।

# ଆତ୍ମଜ୍ଞାନ ନିମିତ ଯୋଗ୍ୟତା



◆ହେମନ୍ତ କୁମାର ଗନ୍ତାୟତ

ଚଉରାଶି ଲକ୍ଷ୍ୟ ଯୋନି ମଧ୍ୟରେ ନର ଜନ୍ମକୁ ଶ୍ରେଷ୍ଠ ବୋଲି କୁହାଯାଏ । ତେଣୁ ଶାସ୍ତ୍ରରେ କୁହାଯାଇଛି ଯେ ' ଜନ୍ତୁନାମ୍ ନରଜନ୍ମଦୁର୍ଲଭମ୍' । ପରନ୍ତୁ ଏ ଜନ୍ମ ସେତେବେଳେ ଶ୍ରେଷ୍ଠ ହୋଇପାରିବ, ଯେତେବେଳେ ଜୀବ ସେ ପରମ ସତ୍ୟ ବା ଆତ୍ମ ଜ୍ଞାନକୁ ପ୍ରାପ୍ତି କରିପାରିବ । ଏହି ଶ୍ରେଷ୍ଠ ତତ୍ୱକୁ ପାଇବାକୁ ହେଲେ ପ୍ରଥମେ ମନୁଷ୍ୟକୁ ଯୋଗ୍ୟତା ଆବଶ୍ୟକ । ଯେଉଁ ଯୋଗ୍ୟତାକୁ ପାଇ ମଣିଷ ନିଜର ଲକ୍ଷ୍ୟସ୍ଥଳରେ ପହଂଚି ପାରିବ । ଏଥି ନିମନ୍ତେ ଅଦ୍ୱୈତ ବେଦାନ୍ତ ଦର୍ଶନର ପ୍ରଚାରକ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ସ୍ୱକୀୟ ଗ୍ରନ୍ଥମାନଙ୍କରେ ଏହି ଯୋଗ୍ୟତା ଉପରେ ଲେଖି ଯାଇଛନ୍ତି । ସେ କହିଛନ୍ତି ଯେ, ଆତ୍ମଜ୍ଞାନ ଯେକୌଣସି ବ୍ୟକ୍ତି ସହଜରେ ଲବ୍ଧ କରିପାରେ ନାହିଁ । ଏଥି ନିମିତ ଅନ୍ତଃକରଣର ଶୁଦ୍ଧତା ଏବଂ ଏକ ନିର୍ଦ୍ଦିଷ୍ଟ ମାନସିକ ତଥା ଆଧ୍ୟାତ୍ମିକ ଯୋଗ୍ୟତା ଆବଶ୍ୟକ । ଯାହାକୁ 'ସାଧନ ଚତୁଷ୍ଟୟ' ବୋଲି ଅଦ୍ୱୈତ ବେଦାନ୍ତରେ କୁହାଯାଇଛି । ଏହା ହେଉଛି:- ବିବେକ (ନିତ୍ୟାନିତ୍ୟ ବସ୍ତୁ ବିବେକ), ବୈରାଗ୍ୟ (ଇହାମୁତ୍ରାର୍ଥ ଫଳ ଭୋଗ ବିରାଗ), ଷଟ୍-ସମ୍ପତି (ଛଅଟି ଆଧ୍ୟାତ୍ମିକ ସମ୍ପଦ) ଓ ମୁମୁକ୍ଷୁତ୍ୱ (ମୁକ୍ତିର ତୀବ୍ର ଆକାଂକ୍ଷା) । ଆଚାର୍ଯ୍ୟ ଶଙ୍କରଙ୍କ ମତରେ, ବ୍ରହ୍ମଜ୍ଞାନର ଜିଜ୍ଞାସା ବା ଜ୍ଞାନ ମାର୍ଗରେ ପ୍ରବେଶ କରିବା ପୂର୍ବରୁ ସାଧକ ସାଧନାରେ ସିଦ୍ଧି ଲାଭ କରିବା ଅନିବାର୍ଯ୍ୟ । କାରଣ ଆତ୍ମ ଜ୍ଞାନ ହେଉଛି ଏପରି ଏକ ଜ୍ଞାନ ଯାହା ସମସ୍ତଙ୍କୁ ସୁଲଭରେ ପ୍ରାପ୍ତ ହୋଇନଥାଏ । ଏହାକୁ ପାଇବାକୁ ହେଲେ ପ୍ରଥମେ, ସାଧକ ନିତ୍ୟ-ଅନିତ୍ୟ ବସ୍ତୁ ବିବେକ ରୂପି ସୋପାନକୁ ପଦ୍ମ୍ରଶ କରିବା ଆବଶ୍ୟକ । ଏହି ନିତ୍ୟ-ଅନିତ୍ୟ ବସ୍ତୁ ବିବେକ କ'ଣ ଏହା ପ୍ରଥମେ ବୁଝିବାକୁ ହେବ, କାରଣ ଏହା ହିଁ ସତ୍ ଅସତ୍ ର ପାର୍ଥକ୍ୟକୁ ଜଣାଇଥାଏ । ଅଦ୍ୱୈତ ବେଦାନ୍ତ ଅନୁଯାୟୀ, ଏହି ସଂସାରରେ କେବଳ ପରମବ୍ରହ୍ମ ହିଁ ସତ୍ୟ ବା ନିତ୍ୟ । ତା'ବ୍ୟତୀତ ସମସ୍ତ ଦୃଶ୍ୟମାନ ଜଗତ ଅନିତ୍ୟ ବା କ୍ଷଣସ୍ଥାୟୀ । ଯେ ନିତ୍ୟ ବସ୍ତୁ ତାହାର କେବେ ବିନାଶ ହୁଏ ନାହିଁ ଏବଂ ସେ ତ୍ରିକାଳରେ ସତ୍ୟରୂପେ ବିଦ୍ୟମାନ । ସେ ହିଁ ବ୍ରହ୍ମ ବା ଆତ୍ମା । ଏହା ବ୍ୟତୀତ ଅନ୍ୟ ଯେତେ ସାଂସାରିକ ବସ୍ତୁ , ସେ ସମସ୍ତ ଅନିତ୍ୟ । ଯଥା:- ସମସ୍ତ ଭୌତିକ ପଦାର୍ଥ, ଶରୀର, ମନ, ଧନସମ୍ପତି ଓ ସୁଖ-ଦୁଃଖର ଅନୁଭୂତି, ଯାହା ସମୟ ଅନୁସାରେ ପରିବର୍ତ୍ତନଶୀଳ ଏବଂ ନଷ୍ଟ ହୋଇଥାଏ । ଯେତେବେଳେ ଜଣେ ସାଧକ ନିଜର ବୁଦ୍ଧି ଦ୍ୱାରା ନିତ୍ୟ ଏବଂ ଅନିତ୍ୟ ମଧ୍ୟରେ ଥିବା ପ୍ରଭେଦକୁ ସ୍ପଷ୍ଟ ଭାବେ ବୁଝିପାରେ, ସେତେବେଳେ ତା'ର ବିବେକ ଜାଗ୍ରତ ହୋଇଥାଏ । ଏହି ଜାଗ୍ରତ ଅବସ୍ଥା ହିଁ ବିବେକବାନ୍ ସାଧକର ସାଧନାର ପ୍ରଥମ ସୋପାନ । ଦ୍ୱିତୀୟଟି ହେଉଛି ଇହାମୁତ୍ରାର୍ଥ ଫଳ ଭୋଗ ବିରାଗ ବା ବୈରାଗ୍ୟ । ଆମେ ସମସ୍ତେ ଜାଣିଛେ, ବିବେକରୁ ହିଁ ବୈରାଗ୍ୟ ଜନ୍ମ ନେଇଥାଏ । ଯେତେବେଳେ ସାଧକ ଜାଣିପାରେ ଯେ ଇହଲୋକ(ସଂସାର)ର ସମସ୍ତ ସୁଖ ଅନିତ୍ୟ ଓ ଦୁଃଖଦାୟକ, ସେତେବେଳେ ତାର ଭୌତିକ ସୁଖ ଯଥା:- ଧନ, ସମ୍ପତି, ଯଶ, କ୍ଷମତା ଏବଂ ଶାରୀରିକ ସୁଖ ପ୍ରତି ଆସକ୍ତି ଭାବ ରହେନାହିଁ ଏଂ ପରଲୋକ (ସ୍ୱର୍ଗଲୋକ ବା ଅନ୍ୟ ଉଚ୍ଚତର)ର ଲୋକର ଭୋଗର ଇଚ୍ଛା ମଧ୍ୟ ରହେନାହିଁ । ଏହାହିଁ ପ୍ରକୃତ ବୈରାଗ୍ୟ । ସାଧାରଣତଃ ଲୋକେ ଭାବନ୍ତି ବୈରାଗ୍ୟର ଅର୍ଥ ସଂସାର ଛାଡ଼ି ଜଙ୍ଗଲକୁ ପଳାଇବା, ଏହା ଠିକ୍ ନୁହେଁ, ବରଂ ସଂସାରରେ ରହି କୌଣସି ବିଷୟ ପ୍ରତି ମାନସିକ ଆସକ୍ତି ବା ମୋହ ନ ରଖିବା । ଏହା ହିଁ ପ୍ରକୃତ ଆନ୍ତରିକ ସ୍ଥିତି । ତୃତୀୟଟି ହେଉଛି ଷଟ୍-ସମ୍ପତି ବା ଛଅଟି ଆଧ୍ୟାତ୍ମିକ ଗୁଣ । ଯାହା ସାଧନ ଚତୁଷ୍ଟୟର ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ମାନସିକ ଅନୁଶାସନର ଛଅଟି ମୁଖ୍ୟ ସମ୍ପଦକୁ ବୁଝାଏ, ଯଥା:- ଶମ, ଦମ, ଉପରତି, ତିତିକ୍ଷା, ଶ୍ରଦ୍ଧା ଓ ସମାଧାନ । ଏଥି ମଧ୍ୟରୁ ଯେ, ବାହ୍ୟ ବିଷୟଗୁଡ଼ିକରୁ ମନକୁ ଆଣି ନିଜ ଭିତରେ ବା ଲକ୍ଷ୍ୟ ସ୍ଥଳରେ ସ୍ଥିର ରଖିବାକୁ ସକ୍ଷମ ସେ 'ଶମ' କୁହାଯାଏ । ଏହା ମାନସିକ ଚ*ଳତାକୁ ଦୂର କରେ । ସେହିପରି ଯେ ବାହ୍ୟ ଜ୍ଞାନେନ୍ଦ୍ରିୟ ଏବଂ କର୍ମେନ୍ଦ୍ରିୟକୁ କୁପଥରୁ ନିବୃତ କରି ସଂଯମ ରଖିବାରେ ସକ୍ଷମ ତା'କୁ 'ଦମ' କୁହାଯାଏ । ସେଭଳି ସାଂସାରିକ କର୍ମ ଓ ବାହ୍ୟ ଜଗତର ଆକର୍ଷଣରୁ ନିଜକୁ ସ୍ୱାଭାବିକ ଭାବେ ଦୂରେଇ ରଖିବା ଏବଂ କର୍ତବ୍ୟ କର୍ମକୁ ନିଷ୍କାମ ଭାବେ କରିବା ନାମ ଉପରତି । ସଂସାରରେ ଆସୁଥିବା ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଯଥା :- ସୁଖ-ଦୁଃଖ, ଶୀତ-ଉଷ୍ଣ ଓ ମାନ-ଅପମାନକୁ ବିନା କୌଣସି ଅଭିଯୋଗରେ ସହ୍ୟ କରିବାର କ୍ଷମତାକୁ ତିତିକ୍ଷା କୁହାଯାଏ । ଗୁରୁ ଏବଂ ବେଦାନ୍ତ ଶାସ୍ତ୍ରର ବାକ୍ୟ ଉପରେ ସମ୍ପୂର୍ଣ୍ଣ ଓ ନିର୍ମଳ ବିଶ୍ୱାସ ରଖିବାର ନାମ ଶ୍ରଦ୍ଧା । କାରଣ ଶ୍ରଦ୍ଧା ବିନା ଆଧ୍ୟାତ୍ମିକ ଜ୍ଞାନର ଗଭୀରତାକୁ ବୁଝିବା ଅସମ୍ଭବ । ମନକୁ ସଦାସର୍ବଦା କେବଳ ଈଶ୍ୱର ବା ଆତ୍ମତତ୍ୱରେ ଏକାଗ୍ର କରି ରଖିବାକୁ ସମାଧାନ କୁହାଯାଏ, ଯାହା ଦ୍ୱାରା ମନ ଅଯଥା ଚିନ୍ତାରୁ ମୁକ୍ତ ରହିପାରେ । ମୁମୁକ୍ଷୁତ୍ୱ (ମୁକ୍ତିର ତୀବ୍ର ଇଚ୍ଛା) ହେଉଛି ସାଧନ ଚତୁଷ୍ଟୟର ଚତୁର୍ଥ ତଥା ଚୂଡ଼ାନ୍ତ ସାଧନ । ଯାହା ସଂସାରର ଜନ୍ମ-ମୃତ୍ୟୁ ଏବଂ ସମସ୍ତ ପ୍ରକାର ଦୁଃଖ-କଷ୍ଟରୁ ମୁକ୍ତି ପାଇଁ ଚିରନ୍ତନ ଆନନ୍ଦ (ମୋକ୍ଷ) ଲାଭ କରିବା ପାଇଁ ଯେ ବ୍ୟାକୁଳତା ବା ତୀବ୍ର ଇଚ୍ଛା ଜାଗ୍ରତ କରାଏ । ଉଦାହରଣ ସ୍ୱରୂପ ଯେପରି ଜଣେ ବ୍ୟକ୍ତିର ମୁଣ୍ଡରେ ନିଆଁ ଲାଗିଗଲେ ସେ ପାଣି ପାଇଁ ବ୍ୟାକୁଳ ହୋଇଉଠେ, ଠିକ୍ ସେହିପରି ସଂସାରର ବନ୍ଧନରୁ ମୁକ୍ତ ହେବା ପାଇଁ ସାଧକର ମନରେ ତୀବ୍ର ବ୍ୟାକୁଳତା ରହିଥାଏ । ଏହି ଇଚ୍ଛା ଅନ୍ୟ ସମସ୍ତ ସାଂସାରିକ ଇଚ୍ଛାକୁ ଶେଷ କରିଦିଏ । ସାଧନ ଚତୁଷ୍ଟୟକୁ କେବଳ ଏକ ସାଧାରଣ ନିୟମ ଭାବେ ନିଆଯାଏ ନାହିଁ, ବରଂ ଏହା ଚିତଶୁଦ୍ଧି (ମନ ପବିତ୍ର କରିବା) ର ମୂଳଦୁଆ । ଏହି ଚାରୋଟି ଗୁଣ ଯେଉଁ ସାଧକ ପାଖରେ ଥାଏ, ସେ ହିଁ 'ଅଧିକାରୀ ସାଧକ' ପଦବାଚ୍ୟ ହୁଏ । ଏହି ପ୍ରସ୍ତୁତି ପରେ ହିଁ ସାଧକ ଯେତେବେଳେ ଗୁରୁଙ୍କ ଠାରୁ 'ତତ୍ ତ୍ୱମ୍ ଅସି' (ତୁମେ ହିଁ ସେହି ବ୍ରହ୍ମ) ଭଳି ମହାବାକ୍ୟ ଶ୍ରବଣ କରେ, ସେତେବେଳେ ତାର 'ଅହଂ ବ୍ରହ୍ମାସ୍ମି' (ମୁଁ ହିଁ ବ୍ରହ୍ମ) ର ଆତ୍ମଜ୍ଞାନ ସହଜରେ ଉଦୟ ହୁଏ । ଏହା ହିଁ ଜୀବନର ପରମ ଲକ୍ଷ୍ୟ ବା ମୋକ୍ଷ । ଯେତେବେଳେ ସାଧକ, ସାଧନ ଚତୁଷ୍ଟୟର ଅଧିକାରୀ ହୋଇଯାଏ, ସେତେବେଳେ ସେ ଆତ୍ମଜ୍ଞାନ ପ୍ରାପ୍ତିର ପ୍ରକ୍ରିୟା ଆରମ୍ଭ କରିଥାଏ । ଯାହାକୁ ଶ୍ରବଣ, ମନନ ଓ ନିଦିଧ୍ୟାସନ ବୋଲି କୁହାଯାଏ । ଯାହାକୁ ପାଇବା ପାଇଁ ସାଧକ, ସେ ଏକ ସଦ୍‌ଗୁରୁଙ୍କ ଶରଣାପନ୍ନ ହୋଇଥାଏ । ସେଠାରେ ଗୁରୁଙ୍କ ସାନ୍ନିଧ୍ୟରେ ରହି ଚାରିଗୋଟି ବେଦର ଚାରୋଟି ମହାବାକ୍ୟ ଯଥା :- ଋଗ୍‌ବେଦର ଐତରେୟ ଉପନିଷଦରୁ ନିଆଯାଇଥିବା 'ପ୍ରଜ୍ଞାନଂ ବ୍ରହ୍ମ', ଯାହାର ଅର୍ଥ ଚେତନା ହିଁ ବ୍ରହ୍ମ ଅଟେ । ସେଭଳି ଯଜୁର୍ବେଦର ବୃହଦାରଣ୍ୟକ ଉପନିଷଦରୁ ଆସିଥିବା 'ଅହଂ ବ୍ରହ୍ମାସ୍ମି', ଅର୍ଥାତ୍ : ମୁଁ ହିଁ ବ୍ରହ୍ମ ବା ମୋ ଭିତରେ ଥିବା ଆତ୍ମା ହିଁ ପରମାତ୍ମା ଅଟନ୍ତି । ସେପରି ସାମବେଦର ଛାନ୍ଦୋଗ୍ୟ ଉପନିଷଦରୁ ନିଆଯାଇଥିବା 'ତତ୍ୱମସି', ଯାହାର ଅର୍ଥ ସେହି ହିଁ ତୁମେ , ସେହି ପରମ ସତ୍ୟ ବା ବ୍ରହ୍ମ ତୁମେ ହିଁ ନିଜେ ଅଟ ଏବଂ ଅଥର୍ବବେଦର ମାଣ୍ଡୁକ୍ୟ ଉପନିଷଦରୁ ଆସିଥିବା 'ଅୟମ୍ ଆତ୍ମା ବ୍ରହ୍ମ', ଅର୍ଥାତ୍ ଏହି ଆତ୍ମା ହିଁ ବ୍ରହ୍ମ ଅଟନ୍ତି । ଏହିପରି ଗୋଟି ଗୋଟି କରି ମହାବାକ୍ୟକୁ ଶୁଣିବା ଏବଂ ତାହାର ପ୍ରକୃତ ଅର୍ଥକୁ ବୁଝିବା ନାମ ଶ୍ରବଣ କୁହାଯାଏ । ଯେଉଁ ମହାବାକ୍ୟକୁ ବା ଜ୍ଞାନକୁ ଶ୍ରବଣ କରାଗଲା ପରେ, ତାହାକୁ ନିଜ ବୁଦ୍ଧି ଦ୍ୱାରା ଚିନ୍ତନ ଓ ମନ୍ଥନ କରିବାକୁ ମନନ ଏବଂ ନିଜେ ସନ୍ଦେହ ମୁକ୍ତ ହେବା ପରେ, ସେହି ଆତ୍ମତତ୍ୱ ଉପରେ ନିରନ୍ତର ଗଭୀର ଧ୍ୟାନ କରିବା ନାମ ନିଦିଧ୍ୟାସନ । ଏହି ଅବସ୍ଥାରେ 'ମୁଁ ଶରୀର ନୁହେଁ, ମୁଁ ଶୁଦ୍ଧ ଚୈତନ୍ୟ ଆତ୍ମା' । ଏପରି ଅନୁଭୂତି ଶେଷରେ ସାଧକର ଅନ୍ତରରେ ଦୃଢ଼ ହୋଇଯାଏ । ସାଧନ ଚତୁଷ୍ଟୟ କେବଳ ସାଧାରଣ ନୀତିଶିକ୍ଷା ନୁହେଁ, ଏହା ହେଉଛି ମନର ସମ୍ପୂର୍ଣ୍ଣ ରୂପାନ୍ତରଣ । ସେଭଳି ଆତ୍ମଜ୍ଞାନ କୌଣସି ନୂତନ ପଦାର୍ଥ ପ୍ରାପ୍ତି କରିବାର ବିଷୟ ନୁହେଁ, ବରଂ ନିଜ ଭିତରେ ପୂର୍ବରୁ ଥିବା ସ୍ୱରୂପକୁ ଚିହ୍ନିବା । ଅଜ୍ଞାନତା ଯୋଗୁଁ ଆମେ ନିଜକୁ ଦୁଃଖୀ, ଗରିବ ବା କ୍ଷଣସ୍ଥାୟୀ ଜୀବ ମନେକରୁ । କିନ୍ତୁ ଯୋଗ୍ୟତା ଅର୍ଜନ କରିବା ପରେ ଅଜ୍ଞାନର ପରଦା ହଟିଯାଏ । ଏହି ଯୋଗ୍ୟତା ହିଁ ମଣିଷକୁ ପଶୁତ୍ୱରୁ ଦେବତ୍ୱ ଏବଂ ଜୀବଭାବରୁ ବ୍ରହ୍ମଭାବ ଆଡକୁ ଅଗ୍ରସର କରିଥାଏ । ତେଣୁ, ଅଦ୍ୱୈତ ବେଦାନ୍ତର ପରମ ସତ୍ୟକୁ ଅନୁଭବ କରିବାକୁ ହେଲେ ପ୍ରଥମେ ନିଜ ଭିତରେ ଥିବା ଏହି ଆଧ୍ୟାତ୍ମିକ ଯୋଗ୍ୟତାକୁ ସୃଷ୍ଟି କରିବା ପ୍ରତ୍ୟେକ ଜିଜ୍ଞାସୁର ଆଦ୍ୟ କର୍ତବ୍ୟ ହେବା ବିଦେହ ।

*ବରିଷ୍ଠ ଦର୍ଶନ ଅଧ୍ୟାପକ, ସଂସ୍କୃତ ମହାବିଦ୍ୟାଳୟ, କବିସୂର୍ଯ୍ୟ ନଗର, ଗଞ୍ଜାମ, ମୋ :୯୮୬୧୩୩୪୮୬୮*











# ଅମ୍ଳାନ ବ୍ୟକ୍ତିତ୍ୱ



ହଜିଗଲ ତୁମେ ଆମ ଗହଣରୁ ପାର୍ଥିବ ରୂପ ନେଇ ରହିଥିବ ସଦା ସ୍ମୃତିରେ ଆମ ଚିର ଅମଳିନ ହୋଇ

# ✓ ବିଜୟଲକ୍ଷ୍ମୀଙ୍କ ସ୍ମୃତି ମହ୍ଲାର...

ନିୟତିର ନିର୍ଦ୍ଦେଶକୁ କେହି ଅମାନ୍ୟ କରିପାରି ନାହାଁନ୍ତି । ଜନ୍ମ ହେଲେ ମୃତ୍ୟୁ ନିଶ୍ଚିତ । ଅସ୍ଥାୟୀ ଜୀବନକୁ ଭରସା ନ କରି ଆମେ ସମସ୍ତେ କର୍ତବ୍ୟ ପଥରେ ଛନ୍ଦି ହୋଇଛୁ । ଜନ୍ମ-ମୃତ୍ୟୁର ଚଳନ୍ତି ଚକ୍ରର ଘୂର୍ଣ୍ଣନ ବଳୟ ମଧରେ ଛଅ ମୃତ୍ୟୁ ବାର୍ଷିକୀର ପରିସମାପ୍ତି । ଅର୍ଥାତ୍ ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ଖବରକାଗଜ **"ଆଜିକାଲି"** ର ସଂପାଦିକା ✓ ବିଜୟଲକ୍ଷ୍ମୀ ମହାନ୍ତିଙ୍କ ଷଷ୍ଠ ଶ୍ରାଦ୍ଧୋତ୍ସବ । ଦୁନିଆର ଚିର ଧ୍ରୁବ ସତ୍ୟ ମୃତ୍ୟୁକୁ କେହି ଟାଳି ପାରିଛନ୍ତି ନା ଟାଳି ପାରିବ । ବିଧି ନିର୍ଦ୍ଦିଷ୍ଟ ସତ୍ୟତାକୁ ବାସ୍ତବର ରୂପ ଦେଇଥିଲା ମହାମାରୀ କରୋନା ରୂପକ ମହାଘାତକ । ଲିଭାଇ ଦେଲା ସେଇ ପ୍ରତିଷ୍ଠିତା ଲକ୍ଷ୍ମୀ ପ୍ରତିମାଙ୍କ ଜୀବନକୁ । ସବୁକିଛି ଛିନ୍ନଭିନ୍ନ ହୋଇଗଲା ମୃତ୍ୟୁ ପାଖରେ । ସମୟ ପୂର୍ବରୁ ଅତିକ୍ରାନ୍ତ ହୋଇଗଲା ଜୀବନର ଅବଶିଷ୍ଟ ମୁହୂର୍ତ୍ତ । ଅମୂଲ୍ୟ ଜୀବନର ଶେଷ ସ୍ପର୍ଶ ମୃତ୍ୟୁର ଆଲିଙ୍ଗନ ହୁଏତ ତାଙ୍କ ପାଇଁ ଥିଲା ଅମୃତ, କିନ୍ତୁ ପରିବାର, ପ୍ରିୟଜନଙ୍କ ପାଇଁ ଥିଲା ଅପୂରଣୀୟ କ୍ଷତି । ଏହି ଦିବଂଗତ ପବିତ୍ର ଆତ୍ମାର ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କ ଅମର ଆତ୍ମା ପ୍ରତି "ଆଜିକାଲି" ପରିବାର ପକ୍ଷରୁ ଅଶେଷ ଅଶେଷ ଶ୍ରଦ୍ଧାଞ୍ଜଳି.......

## ଅତିକ୍ରାନ୍ତ ମୁହୂର୍ତ୍ତର ପୁନରାବୃତ୍ତି

ପ୍ରତ୍ୟେକଙ୍କ ପାଇଁ ଜନ୍ମ-ମୃତ୍ୟୁ ଧ୍ରୁବ ସତ୍ୟ ହେଲେ ମଧ ବାସ୍ତବରେ ଏହି ବାସ୍ତ ସତ୍ୟକୁ କେହି ବି ଗ୍ରହଣ କରନ୍ତି ନାହିଁ । ତଥାପି ଜନ୍ମ ନେଲେ ମୃତ୍ୟୁ ହିଁ ଧ୍ରୁବ ସତ୍ୟ । କିନ୍ତୁ ଏହା ବିଡମ୍ବନା ଯେ, ବୟସର ଅପରାହ୍ନ ହୋଇନଥିଲେ ଏହି ସତ୍ୟକୁ ଗ୍ରହଣ କରିବା ନିହାତି କଷ୍ଟ । ସ୍ୱର୍ଗତା ବିଜୟଲକ୍ଷ୍ମୀ ମହାନ୍ତି ଏମିତି ଜଣେ ବ୍ୟକ୍ତିତ୍ୱ ଯିଏ କେବଳ ଅନ୍ୟମାନଙ୍କୁ ଦେବାକୁ ଭଲ ପାଆନ୍ତି । ଦେବାରେ ଯେଉଁ ଆନନ୍ଦ ଥାଏ ତାହା ନେବାରେ ନଥାଏ । ଏହାହିଁ ଥିଲା ତାଙ୍କ ଓଠରୁ ସ୍ଫୁରିତ ଶବ୍ଦ । ବାଲ୍ୟରୁ ବୟସ୍କ ପର୍ଯ୍ୟନ୍ତ ଯେଉଁ ସମୟ ତାଙ୍କ ପାଇଁ ଥିଲା ସେ ସଠିକ୍ ଭାବେ ତାହାକୁ ପୂରଣ କରି ବାପ ଘରରୁ ଶାଶୁ ଘର ପର୍ଯ୍ୟନ୍ତ ଗେହ୍ଲା ଓ ଭଲପାଇବାର ପାତ୍ରୀ ଥିଲେ । ଦେଖିବାକୁ ଯେପରି ସୁନ୍ଦର ତାଙ୍କର କହିବା ମଧ ସେତିକି ସୁନ୍ଦର । ଅନ୍ୟକୁ ସହଜରେ ନିଜ ପାଖକୁ ଆପଣେଇ ନେବାର ଯେଉଁ ସ୍ନେହରୂପକ କଥା କୁହନ୍ତି ତାହା ହିଁ ଆଜି ଦେହଧାରୀ ନଥାଇ ମଧ ସମସ୍ତଙ୍କ ସ୍ମରଣରେ ରହିଛନ୍ତି । ସ୍ୱାମୀଙ୍କ ସହ ଗୃହିଣୀ ସାଜି ମଧ କଲେଜ କାର୍ଯ୍ୟ ଏବଂ ଚାକିରୀର ଅବସର ପରେ ସେ "ଆଜିକାଲି" ସମ୍ବାଦପତ୍ରର ସଂପାଦିକା ଭାବେ ଗୁରୁ ଦାୟିତ୍ୱକୁ ହାତକୁ ନେବା ସହ ସୁଚାରୁରୂପେ କାର୍ଯ୍ୟ କରୁଥିଲେ । କିପରି ଖବରକାଗଜ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିବ ଏବଂ ପାଠକ ମାନଙ୍କୁ ପ୍ରିୟଭାଜନ ହେବ ସେଥିପ୍ରତି ସେ ତୀକ୍ଷଣ ଦୃଷ୍ଟି ଦେଉଥିଲେ । ଆଜି ସେ ହୁଏତ ଅପସରି ଯାଇଛନ୍ତି କିନ୍ତୁ ମୋ ହୃଦୟରୁ ନିଃସୃତ ହେଉଥିବା କିଛି ଅବ୍ୟକ୍ତର ଅବତାରଣା ତାଙ୍କ ପାଇଁ ମୋର ଅର୍ଘ୍ୟଆଂଜୁଳି । ୧୯୯୮ ମସିହା ନଭେମ୍ବର ମାସ ଶେଷ ସପ୍ତାହର ଏକ ଶୁଭ ମୁହୂର୍ତ୍ତରେ "ଆଜିକାଲି" ଖବରକାଗଜର ପ୍ରତିଷ୍ଠାତା ତଥା ସଂପାଦକ ମୋର ପୂଜ୍ୟ ବିସ୍ମୟ ଭାଇ ଏବଂ ଟିକିନା ଅପା ଆମ ଘରକୁ ଯାଇଥିଲେ । ସେ ଦୁହେଁ ମୋ ବାପାଙ୍କୁ ପ୍ରଣାମ କରି କହିଲେ- "ମାମୁଁ! ଗିନି ତ ଲେଖା ଲେଖି କରୁଛି ତାକୁ ଆମ ପ୍ରେସ୍‌କୁ ପଠାନ୍ତୁ ।" ବାପା ତାଙ୍କ କଥା କିଛି ବୁଝି ପାରିଲେ ନାହିଁ । ସେ କହିଲେ- ବାବାରେ ! ତୁ କଣ ଏତେ ଦିନ ପରେ ଆସିଛୁ ଛୋଟ ଥିଲା ବେଳେ ସାବି ଅପା ଏବଂ ସଚ୍ଚି ଭାଇଙ୍କ ସଂଗେ ଆମ ଘରକୁ ଆସୁଥିଲେ । ଏବେ ବଡ଼ ହେବା ପରେ ତୋର ଆଉ ଦେଖା ମିଳୁ ନାହିଁ । ବାପାଙ୍କ କଥା ଶୁଣି ବିସ୍ମୟ ଭାଇ ହସି ଦେଲେ । ଲାଜ ଲାଜ ସ୍ମିତ ହାସ୍ୟରେ ଟିକେ ହସି ଦେଲେ । ଏହି ସମୟରେ ଟିକିନା ଅପା ମୋ ବଉ ପାଖକୁ ଯାଇ କଣ ସବୁ କଥାବାର୍ତ୍ତା ହେଲେ । ସେ ଯାହା ହେଉ ବାପାଙ୍କ ସାଂଗେ କଥା ହୋଇ ମୋର ପ୍ରେସ୍ ଆସିବାଟା ଫାଇନାଲ କଲେ । ମୁଁ ପ୍ରେସ୍‌ରେ ଯୋଗ ଦେଇ ଅନେକ କିଛି ଶିଖିଲି । ଯାହା ହେଉ ସେ ଦୁଇ ମହାନ ଦିବଂଗତ ଆତ୍ମାଙ୍କ ପାଇଁ ମୋର "ସାମ୍ବାଦିକତା" ଶିକ୍ଷା ଉପରେ ଜ୍ଞାନ ଆହରଣ କଲି । ଏହା ସହ ସାମ୍ବାଦିକତା ଓ ଗଣମାଧ୍ୟମ ଉପରେ ମୁଁ ଶିକ୍ଷା ଗ୍ରହଣ କରିଥିଲେ ମଧ କାର୍ଯ୍ୟ କରିବାର ଦକ୍ଷତାକୁ ହିଁ କେବଳ ବିସ୍ମୟ ଭାଇ ଓ ଟିକିନା ଅପାଙ୍କ ପାଇଁ ମୁଁ ହାସଲ କଲି । ମନେ ପଡ଼େ ସେଇ ଅଫେରା ମୁହୂର୍ତ୍ତକୁ । ଟିକିନା ଅପାଙ୍କ ସ୍ନେହବୋଳା କଥା ସହ ମିଠା ତାଗିଦ୍ ଏ ଜନ୍ମରେ ଆଉ ମୋତେ ମିଳିବ ନାହିଁ । ସେ ଥିଲେ ପ୍ରକୃତରେ ବିସ୍ମୟ ଭାଇଙ୍କ ପାଇଁ ପ୍ରେରଣାର ଉତ୍ସ । ଏହି ପରିପ୍ରେକ୍ଷୀରେ ଗୋଟିଏ ପଂକ୍ତି -

*ବିସ୍ମୟ ଭାଇଙ୍କ ତୁମେ ଥିଲ ପ୍ରାଣର ପ୍ରିୟତମା, ଭଲ ପାଇବାର ନିଦର୍ଶନ ସ୍ୱରୂପ, ହାସ୍ୟରସର ଲିଲିମା, ଶ୍ୟାମ ଏବଂ ଶ୍ୟାମା ପରି ତିଳକ ଉପମା, ଯେତେ ଗ୍ରହ ତାରା ଥିଲେ ଆଉ, କେବଳ ତୁମେ ଏକା ତାଙ୍କ ପୂର୍ଣ୍ଣ ଚନ୍ଦ୍ରମା । ତୁମେ ପୁଣି ସାଜିଥିଲ ଦ୍ରୋଣ ପ୍ରେମ, ଶାନ୍ତି,ପ୍ରଗତିର ତୁମେ ହିଁ ମଶାଲ, ଲକ୍ଷ୍ମୀମୟୀ ଲକ୍ଷ୍ମୀମତି ବିଜୟଲକ୍ଷ୍ମୀ ନାମେ ; ରଖିଗଲ ନାମର ସାର୍ଥକ, ତୁମେ ହିଁ ଚିର ସୁନ୍ଦର,ଜ୍ୟୋତିର୍ନାଶେ ଅନ୍ଧାର, ହେ ବିଜୟଲକ୍ଷ୍ମୀ! ତୁମେ ହିଁ ଚିର ସୁନ୍ଦର । ଫୁଲ ସୁଷମା ଦେଇ ସ୍ରଷ୍ଟା ତୁମକୁ ଗଢ଼ିଛି,ଚାନ୍ଦର ଜୋଛନା ଆଣି ସତେ କି ଦେହେ ତୁମ ବୋଳିଛି ଜୀବନ ଚଲାପଥେ ଆସିଥିଲା କେତେ ,ଝଞ୍ଜା, ଝଡ଼ କେତେ ଯାତନା ବିପତି , ପରିବାର ପାଇଁ ମଥାପାତି ସହିଗଲ, ଛାଡ଼ିଗଲ ଅନ୍ୟ ମାନଙ୍କ ପାଇଁ କିଛି ସ୍ମୃତି ଓ ଅନୁଭୂତି ।*

କିନ୍ତୁ ଏତିକି ଅଭାବ ଯେ, ବୟସର ଅପରାହ୍ନରେ ପହଂଚି ନଥିଲେ ମଧ କରାଳ ରୂପୀ ମହାମାରୀ କରୋନା ତାଙ୍କ ଜୀବନକୁ ଛଡ଼ାଇ ନେଇ ଚାଲିଗଲା । ଆପଣ ଥିଲେ ମଉଡ଼ମଣି ଆପଣଙ୍କ ମାନସ ସନ୍ତାନ "ଆଜିକାଲି" ସମ୍ବାଦପତ୍ରର ରକ୍ଷଣାବେକ୍ଷଣ ପାଇଁ ବାହୁଛାୟା ତଳେ ଯେଉଁ ସୁରକ୍ଷା ଦେଇଥିଲେ ତାହା ତ ଆଜି ନାହିଁ ସେଇ ଅଭାବକୁ କେହି କେବେ ପୂରଣ କରିପାରିବ ନାହିଁ । ଆପଣ ଆଜି ନାହାଁନ୍ତି ସତ, ହେଲେ ଆପଣଙ୍କ ସାଧନା, ଅବଦାନ ଯେଉଁ ଶୀର୍ଷରେ ପହଂଚାଇ ଥିଲା ତାହା ଯେପରି ଆପଣଙ୍କର ଆଶୀର୍ବାଦରେ ଅକ୍ଷୁର୍ଣ୍ଣ ରହୁ ଏବଂ ଆପଣଙ୍କ ଅମର ଆତ୍ମା ଶାନ୍ତି ଲାଭ କରୁ ଏହାହିଁ କେବଳ ଶ୍ରାଦ୍ଧ ଅବସରରେ ଶ୍ରଦ୍ଧାଞ୍ଜଳି ।

◆ **ସ୍ମିତାରାଣୀ ଦାସ**
*ସହ ସଂପାଦିକା ଆଜିକାଲି, ବାଲେଶ୍ୱର*

## ପୋଷଣ ମାସ-୨୦୨୬ର ପ୍ରଭାବଶାଳୀ ଯୋଜନା ଓ କାର୍ଯ୍ୟାନ୍ୱୟନ ନିମନ୍ତେ ସମନ୍ୱୟ ବୈଠକ ଅନୁଷ୍ଠିତ

ଭଦ୍ରକ : ଜିଲ୍ଲାରେ ପୋଷଣ ମାସ-୨୦୨୬ର ପ୍ରଭାବଶାଳୀ ଯୋଜନା, ସମନ୍ୱୟ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସରୋଜ କୁମାର ଦତଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଉପଜିଲ୍ଲାପାଳ ଭଦ୍ରକ, CDM & PHO, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଉଚଉ ମିଶନ ଶକ୍ତି, ମ୍ୟାନେଜର ଜଇଝକ, ଉଝଡଙ୍ଗ, ସମସ୍ତ ପ୍ରୋଗ୍ରାମ ଅଫିସର, ଉଉ-ଚକ୍ଟଷ୍ଷବଭ, ଉଚଉ ଗଇଗଇଞ୍ଜଇ ?ଲ୍କସ ଜିଲ୍ଲାର ସମସ୍ତ ଉଉଚଙ ମାନେ ଯୋଗଦାନ କରିଥିଲେ । ବୈଠକରେ ବିଭିନ୍ନ ବିଭାଗ ମଧରେ ସମନ୍ୱୟ, କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି, ଜନସାଧାରଣଙ୍କ ସହଭାଗିତା, ସଚେତନତା ସୃଷ୍ଟି ଏବଂ ପୋଷଣ ମାସ-୨୦୨୬ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସମସ୍ତ ବିଭାଗ ଓଉଉଝ କାର୍ଯ୍ୟକର୍ତାମାନଙ୍କ ସହ ସମନ୍ୱୟ ରକ୍ଷା କରି ଜିଲ୍ଲା, ବ୍ଲକ୍ ଓ ତୃଣମୂଳ ସ୍ତରରେ ପୋଷଣ ମାସର କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଭାବଶାଳୀ ଭାବେ ପହଂଚାଇବା ପାଇଁ ଅନୁରୋଧ କରାଯାଇଥିଲା । ପୋଷଣ ମାସ- ୨୦୨୬କୁ ଅଧିକ ପ୍ରଭାବଶାଳୀ ଓ ସଫଳ କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଜିଲ୍ଲାବ୍ୟାପୀ ସଫଳତାର ସହ ପୂରଣ କରିବା ନିମନ୍ତେ ସମସ୍ତ ବିଭାଗର ସକ୍ରିୟ ସହଭାଗିତା ଓ ପାରସ୍ପରିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା ।

## ଶ୍ରୀମଦ ଭାଗବତ ଓଡ଼ିଆ ଚେତନାର ଅନ୍ତଃସ୍ୱର : ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ : ଆମ ମାତୃଭାଷା ପରିଷଦର କନ୍ୟା ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଅଟଳ ବିହାରୀ ନାୟକଙ୍କ ପୌରହିତ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ । 'ଓଡ଼ିଆ ସାରସ୍ୱତ ଅସ୍ମିତା ଅତିବଡ଼ି ଜଗନ୍ନାଥ ଦାସ' ଶୀର୍ଷକ ଆଲୋଚନାଚକ୍ରରେ ସମ୍ମାନନୀୟ ଅତିଥି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ, ମୁଖ୍ୟବକ୍ତା ପ୍ରବାଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବିଶିଷ୍ଟ ବକ୍ତା ପ୍ରବାଚକ ଦଶରଥ ପଣ୍ଡା, ପଣ୍ଡିତ ନରହରି ଦାଶ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଆଖଣ୍ଡଳମଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନୀହାର ରଞ୍ଜନ କର, ପୂର୍ବତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ପ୍ରାକ୍ତନ ପୋଲିସ ଅଧିକାରୀ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଅତିବଡ଼ି ଶ୍ରୀ ଜଗନ୍ନାଥ ଦାସଙ୍କ ଜୀବନୀ ଓ ଓଡ଼ିଆ ସାରସ୍ୱତ ଜଗତକୁ ତାଙ୍କର ଦାନ ଅତୁଳନୀୟ ଓ ଭାଗବତ ପ୍ରକୃତ ଓଡ଼ିଆ ଚଳନୀ ଏବଂ ହିନ୍ଦୁ ରୀତିନୀତିର ପ୍ରକୃଷ୍ଟ ଉଦାହରଣ ପ୍ରଦାନ କରିଥାଏ ।




ଜ୍ଞାନ, ଦାନ ଓ ଶୃଙ୍ଖଳିତ ସତ୍ୟ ଅଭିମୁଖି ଚଳନୀର ପ୍ରକୃତ ଉପଦେଶ ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷୟିତ୍ରୀ ତଥା କବୀ ଡ. ଜାନକୀ ପାଢ଼ୀ ଓ ମନୋରମା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଶିଶୁକବି ଅଂଶୁମାନ ସ୍ୱାଇଁ, ଉମେଶ ଚନ୍ଦ୍ର ମହାପାତ୍ର, ଅଜୟ କୁମାର କର, ପାର୍ଥସାରଥି ମହାନ୍ତି, ପ୍ରତାପ ଦାସ, ନରେନ୍ ବିଶ୍ୱାଳ, ସୁରେଶ କୁମାର ସାହୁ, ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ମାନସୀବାଳା ସୂତାର, ଜଗନ୍ନାଥ ଓଝା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ସମ୍ପାଦକୀୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ସଙ୍ଗୀତ ନାଟକ ଆକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକ, ମ□ ଆହ୍ୱାନ, ସବୁ ସମ୍ପାଦିକା ମମତାରାଣୀ ଦାଶମିଶ୍ର ସଭା ପରିଚାଳନା, ନାରାୟଣ ଚନ୍ଦ୍ର ପାଢ଼ୀ ଅତିଥି ପରିଚୟ, ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମ□ ସଂଯୋଜନା ଓ ଶେଷରେ ଅଧିବକ୍ତା ପ୍ରଦୀପ କୁମାର ଯେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାରସୁଗୁଡ଼ା ଜିଲ୍ଲା ହକିରେ ୧୨୦୦ରୁ ଉର୍ଦ୍ଧ୍ୱ ଖେଳାଳୀ ଗତ ୫ ବର୍ଷ ମଧ୍ୟରେ ସୃଷ୍ଟି କରିଛି

ଝାରସୁଗୁଡା : (ନିପ୍ର) ଗତ ୨୦୨୨ ମସିହାରେ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ଗଠନ ହେବା ପରେ ଜିଲ୍ଲାରେ ୪୦ଟି ରୁ ଉର୍ଦ୍ଧ୍ୱ ସ୍କୁଲର ବାଳକ ବାଳିକା ମାନେ ହକି ଖେଳ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି । ଜିଲ୍ଲା ହକି ଆସୋସିସନ ତରଫରୁ ୩୮ଟି ସ୍କୁଲକୁ ହକିର ସମସ୍ତ ସରଞ୍ଜାମ ଆଲଫା କଂପାନୀର ଯୋଗାଇ ଦିଆଯାଇଛି । ହକି ଆସୋସିଏସନର ନିଜସ୍ୱ ଚେଷ୍ଟାରେ ୱାଟର ବେସ ଟର୍ଫ ପଡିଆ ନିର୍ମାଣ କରାଯାଇଛି ଯାହା ଫଳରେ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼, ବ୍ରଜରାଜନଗର, ଲଇକେରା ଓ କିର୍ମିରା ବ୍ଲକର ବାଳକ ବାଳିକା ମାନେ ଖେଳିବା ପାଇଁ ହକି ପଡିଆକୁ ଆସୁଛନ୍ତି । ହକି ଆସୋସିଏସନ ତରଫରୁ ୩ ଜଣ ଦକ୍ଷ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ୧୦ଟି ସ୍କୁଲରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ସହଯୋଗରେ ୩ ଜଣ ରାଜ୍ୟସ୍ତରୀୟ ଖେଳାଳିଙ୍କୁ ବିଭିନ୍ନ ସ୍କୁଲରେ ନିଯୁକ୍ତି ଦିଆଯାଇ



ହକିର ପ୍ରଶିକ୍ଷଣ ଦିଆଯାଉଛି । ଝାରସୁଗୁଡ଼ା ଜିଲ୍ଲା ଏକ ମାତ୍ର ଯିଏ କି ନିଜସ୍ୱ ଚେଷ୍ଟାରେ ୫-ଏ ସାଇଡ଼ ୧୭ ବର୍ଷରୁ କମ୍ ବାଳିକା ବର୍ଗର ସର୍ବଭାରତୀୟ ହକି ଟୁର୍ନାମେ□ ସଫଳତାର ସହିତ କରିଛି ଏବଂ ଆସନ୍ତା ମାସ ଅକ୍ଟୋବର ୨୭ ତାରିଖରୁ ଦ୍ୱିତୀୟ ସର୍ବଭାରତୀୟ ୫-ଏ ସାଇଡ଼ ବାଳିକା ହକି ପ୍ରତିଯୋଗିତା କରାଯିବ । ଏହି ପ୍ରତିଯୋଗିତାରେ ବିହାର, ଛତିଶଗଡ, ଝାରଖଣ୍ଡ, ବେଙ୍ଗଲ ଓ ଉତର ପ୍ରଦେଶର ୧୨ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଝାରସୁଗୁଡ଼ା ଜିଲ୍ଲା ଏକ ମାତ୍ର ଜିଲ୍ଲା ପ୍ରତିେକ ବର୍ଷ ଆନ୍ତଃ ସ୍କୁଲ ଜୁନିୟର,ସବ ଜୁନିୟର ବାଳକ ବାଳିକା ପ୍ରତିଯୋଗିତା ଅନୁଷ୍ଠିତ କରାଉଛି । ଏହି ବର୍ଷ ୪୦ଟି ସ୍କୁଲ ଦଳ ଭାଗ ନେବେ । ଏହି ବିଷୟରେ ଝାରସୁଗୁଡ଼ା ହକି ଆସୋସିଏସନର ବରିଷ୍ଠ ସଦସ୍ୟ ତଥା ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଆମର ଲକ୍ଷ୍ୟ ହେଉଛି ଜିଲ୍ଲାରେ ୫୦ଟି ସ୍କୁଲକୁ ହକି ଆସୋସିଏସନ ସହିତ ଜଡିତ କରାଇ ଜିଲ୍ଲାରେ ୧୫୦୦ରୁ ଉର୍ଦ୍ଧ୍ୱ ଖେଳାଳି ସୃଷ୍ଟି କରାଇବା । ଏଥର ନୂତନ ଭାବରେ ହକି ଆସୋସିଏସନର ବିଭିନ୍ନ କାର୍ଯ୍ୟକଳାପ ଉପରେ ୨୦ ମିନିଟର ଡ଼କ୍ୟୁମେ□ାରି ଫିଲ୍ମ ତିଆରି କରାଯାଇଛି ଯାହାକି ଜିଲ୍ଲାର କ୍ରୀଡ଼ାବିତ ଓ ପ୍ରଶାସନିକ ଦ୍ୱାରା ପ୍ରଶଂସିତ ହୋଇଛି । ନିକଟରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ତଥା ଝାରସୁଗୁଡ଼ା ଜିଲ୍ଲାର ନୋଡ଼ାଲ ଅଧିକାରୀ ଡ଼କ୍ଟର ବୃନ୍ଧା ଡ଼ି. ହକି ଷ୍ଟାଡ଼ିୟମ ପରିଦର୍ଶନରେ ଆସିଥିବା ବେଳେ ଗତ ୫ ବର୍ଷର ସ୍ମାରକୀ ପୁସ୍ତକ ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ଏହି ସ୍ମରଣିକାରେ ରାଜ୍ୟର ବିଭିନ୍ନ ବ୍ୟକ୍ତି ବିଶେଷଙ୍କର ବାର୍ତା ଓ ସମ୍ବଳିତ ସମ୍ବାଦ ପତ୍ରର ନ୍ୟୁଜ ରହିବା ସହିତ ଫଟୋ ମଧ୍ୟ ରହିଛି । ଝାରସୁଗୁଡ଼ା ଏକ ମାତ୍ର ଜିଲ୍ଲା ଯାହାର କି ନିଜସ୍ୱ ୪ ଏକର ୮୦୦ ଡ଼େସିମିଲ ଜମି ଗତ ଅଗଷ୍ଟ ମାସରେ ପଟ୍ଟା ମିଳିଛି । ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କ ପ୍ରତ୍ୟେକ୍ଷ ସହଯୋଗ ରହିଛି ।

## ବଜ୍ରପାତରେ ଜଣେ ମୃତ

ବାଲିଆପାଳ: (ନିପ୍ର) ଶୁକ୍ରବାର ଅପରାହ୍ନ ସାଢେ ଗୋଟାଏ ସମୟରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ କୁଦମାନସିଂ ଗ୍ରାମର ଜଣେ ଚାଷୀଙ୍କର ବଜ୍ରପାତ ରେ ମୃତ୍ୟୁ ହୋଇ ଯାଇଛି ।ମୃତ ଚାଷୀ ଜଣକ



ହେଲେ କୁଦମାନସିଂ ଗ୍ରାମର ରଘୁନାଥ ପାତ୍ର (୬୪) । ରଘୁନାଥ ନିଜ ଘର ପାଖରେ ଥିବା ଏକ ଜମିରେ ଚାଷ କାମ କରୁଥିବା ବେଳେ ହଠାତ ତାଙ୍କ ଉପରେ ବଜ୍ରପାତ ହୋଇଥିଲା । ଫଳରେ ସେ ସଂଜ୍ଞାହୀନ ଅବସ୍ଥାରେ ସେଠାରେ ପଡ଼ି ଯାଇଥିଲେ । ସ୍ଥାନୀୟ ଲୋକ ମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲେନ୍ସ ଯୋଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିଲେ । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

## ୭୦ତମ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଭଦ୍ରକ : ପିଏମଶ୍ରୀ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ ପରିସରରେ ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭ ଜିଲ୍ଲାଶିକ୍ଷାଧିକାରୀ ଡ଼ଃ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଅଛି । ମୁଖ୍ୟଅତିଥି ଭାବରେ ମାନ୍ୟବର ବିଧାୟକ ଭଦ୍ରକ ଶ୍ରୀଯୁକ୍ତ ସିତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦ□, ସମ୍ମାନୀତ ଅତିଥିଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ତୃପ୍ତିମୟୀ ପାତ୍ର, ଡ଼ଃ ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଚକ୍ରଧର ମଲ୍ଲିକ, ପ୍ରଧାନଶିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ସାହୁ ଯୋଗଦାନ କରିଥିଲେ । କେନ୍ଦୁଆପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଶଶୀଶେଖର କରଶର୍ମାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ରାଜେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକରୁ ୭୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦାନ କରିଥିଲେ । ଏଡି ପ୍ରତିଯୋଗିତା ବ୍ୟାଡ଼ମି□ନ, ଯୋଗାସନ, ଟାଏକଣ୍ଡ, ରଗବି, ଫୁଟବଲ, ହ୍ୟାଣ୍ଡବଲ, ୱେଟଲିଫ୍ଟିଙ୍ଗ୍, ଟେବୁଲ ଟେନିସ୍, ବାସ୍କେଟବଲ, ସ୍କେଟିଙ୍ଗ୍, ଫୁଟବଲ ଓ ଚେସ୍ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ, ଭୀମଚରଣ ପରିଡ଼ା, ପ୍ରଦୀପ ମହାପାତ୍ର, ଅନିଲ ମିଶ୍ର, ଭଦ୍ରକ ବ୍ଲକ କ୍ରୀଡ଼ା ସମ୍ପାଦକ ମାନସ କୁମାର ନାୟକ, ଧାମନଗର କ୍ରୀଡ଼ା ସମ୍ପାଦକ ମାନସ ରଞ୍ଜନ ନାୟକ, ଭଣ୍ଡାରୀପୋଖରି ବ୍ଲକ କ୍ରୀଡ଼ା ସମ୍ପାଦକ ଜିତେନ୍ଦ୍ର ସାହୁ, ତିହିଡ଼ି ବ୍ଲକ ସମ୍ପାଦକ ପ୍ରଭାତ ଜେନା, ବାସୁଦେବପୁର ବ୍ଲକ ସମ୍ପାଦକ ସୁକାନ୍ତ ଜେନା, ଚାନ୍ଦବାଲି ବ୍ଲକ ସମ୍ପାଦକ ବିଜୁଦ□ ପଣ୍ଡା, ବନ୍ତ ବ୍ଲକ କ୍ରୀଡ଼ା ସମ୍ପାଦକ ମନୋଜ ଶଙ୍ଖୁଆ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାରେ ସହାୟତ କରିଥିଲେ । ବିଭିନ୍ନ କ୍ରୀଡ଼ାର କୋଚ୍ ଓ ବିଚାରକ ଭାବରେ ଅଶୋକ କୁମାର ପଣ୍ଡା, ପବିତ୍ର ମୋହନ ଦାସ, ସୁପ୍ରଭା ରାଉତ, ବିକଶି ସାହୁ, ତପନ ମିଶ୍ର, ଡ଼ଲିରାଣୀ ଦାସ, ସଂଗୀତା ବେହେରା, ସ୍ୱର୍ଣ୍ଣଲତା ବେହେରା, ମାନସ ଜେନା କ୍ରୀଡ଼ା ପରିଚାଳନା କରିଥିଲେ । ଶିବ ନାରାୟଣ ପତି ବେଦପାଠ କରିଥିଲେ । ଲିନାରାଣୀ ଦାସ, ରୁବିନା ଖାତୁନ୍, ଅକ୍ଷୟ କୁମାର ସେଠୀ, ଓ ଅରୁଣ କୁମାର ବାରିକ୍ କ୍ରୀଡ଼ା ପ୍ରତିଯୋଗିତମାନଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ ।




# ପ୍ରଧାନ ମନ୍ତ୍ରୀଙ୍କ ୭୬ତମ ଜନ୍ମତିଥି ପାଳନ ଅବସର ରେ ଆଶୀର୍ବାଦ ଦୀପ ଓ ପୂଜା ଅର୍ଚ୍ଚନା ଅନୁଷ୍ଠିତ

ନୀଳଗିରି(ନିପ୍ର): ଭାରତର ଜସ୍ୱଶୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀ ଜୀ ଙ୍କ ୭୬ ତମ ଜନ୍ମ ଦିବସ ସମଗ୍ର ଦେଶ ରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ର ସହିତ ପାଳନ କରାଯାଉଛି । ଏହି ଜନ୍ମ ଦିବସ କୁ ଅଧିକ ଗରିମା ମୟ କରିବା ପାଇଁ, ସେପ୍ଟେମ୍ବର ୧୭ ତାରିଖ ରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ବିଜେପି ଦଳ ପକ୍ଷରୁ ପାଳନ କରାଯାଉଛି । ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ର ପତିତ ପାବନ ହର କ୍ଷେତ୍ର, ଦେବଗିରି ପାହାଡ ପାଦ ଦେଶରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ରେ, ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ସୁସ୍ଥ ନିରାମୟ



ଜୀବନ, ଦୀର୍ଘ ୨୫ ବର୍ଷର ସୁ-ଶାସନ ତଥା ଦୀର୍ଘାୟୁ କାମନା କରି, ଜିଲ୍ଲା ପରିଷଦ ଜୋନ -୨, ସଦସ୍ୟା ତଥା ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସମ୍ପାଦିକା ଉଷାରାଣୀ ରାଉଳ ଙ୍କ ଅବହାକତ୍ୱ ରେ ଶ୍ରୀ ଜଗନ୍ନାଥ ମନ୍ଦିର ରେ ପୂଜା ଅର୍ଚ୍ଚନା ଓ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ମହତ ଓ ଗାରିମା ମୟ କାର୍ଯ୍ୟ କ୍ରମ ରେ ଅନ୍ୟ ମାନଙ୍କ ମଧରେ, ଶରତ କୁମାର ରାଉତ, ସମାଜ ସେବୀ ବସନ୍ତ କୁମାର ରାଉଳ, କାର୍ତିକ ପାତ୍ର, ହରେକୃଷ୍ଣ ମହାନ୍ତି, ଦିଲ୍ଲୀପ କୁମାର ବଳ, ସୀମା ସିଂ, ମାନସ ପୃଷ୍ଟି, କଟି ପାତ୍ର, ସୂର୍ଯ୍ୟ ପାତ୍ର, କମଳାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୁ - ପରିଚାଳନା କରିବାରେ ସହଯୋଗ କରି ଥିବା ଦେଖା ଯାଇଛି ।

# ଜମୁଛି ଗଜାନନଙ୍କ ପୂଜା ଉତ୍ସବ, କୀର୍ତନ ସାଙ୍ଗକୁ ଅର୍କେଷ୍ଟ୍ରାରେ କମ୍ପୁଛି ବଜାର ଅଂଚଳ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବଜାରର ବିଭିନ୍ନ ଗଣେଷ ପୂଜା ମଣ୍ଡପ ଝଲସୁଥିବା ବେଳେ ମେଢ ଦେଖିବାକୁ ଦର୍ଶକଙ୍କ ଭୀଡ ଲାଗୁଛି । ବିଶେଷ ପାଖପାଖି ନିର୍ମିତ ହୋଇଥିବା ଲିଜେଣ୍ଡ ଲୟନ୍ସ କ୍ଲବ ଓ ଶ୍ରୀ ଗଣେଷ ପୂଜା କମିଟି ମେଢ ଏକକୁ ଆରେକ ବଳି ମନମତାଣିଆ ହୋଇଛି । ଗତ ୫ଦିନଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଭଜନ କୀର୍ତନ ପେଣ୍ଡାଲକୁ ଅଧୀକ ଆକର୍ଷୟମୟ କରୁଛି । ଲିଜେଣ୍ଡ ଲାୟନ୍ସ କ୍ଲବର ସଭାପତି ବିସ୍ମୟ ନାୟକ, ଦିପ୍ତିରଞ୍ଜନ ବିଶ୍ୱାଳ, ସତ୍ୟବ୍ରତ ବାରିକ, ତାରିଣୀ ରଥ, ଚିନ୍ମୟ ନାୟକ, ବାଦଲ ପଣ୍ଡା, କାହ୍ନା ବାରିକ ଓ



କାର୍ତିକ ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପୂଜା ଓ ସମ୍ବର୍ଦ୍ଧନା ପର୍ବ ଆଗେଇ ଚାଲିଛି । ଭସାଣି ଶୋଭାଯାତ୍ରାକୁ ଆକର୍ଷଣୀୟ କରିବାକୁ କ୍ଲବର ସମସ୍ତ ସଦସ୍ୟ ଦିନରାତି ଏକାକାର କରିଦେଇଛନ୍ତି । ସେହିଭଳି ଶ୍ରୀଗଣେଷ ପୂଜା କମିଟି ର ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର, ସମ୍ପାଦକ ରଶ୍ମି ରଞ୍ଜନ ପଲେଇ ତଥା ଅନ୍ୟ କାର୍ଯ୍ୟକର୍ତା ଚିରଞ୍ଜିବୀ ଆଶିଷ ବାରିକ, ନୃସିଂହ ବେହେରାଙ୍କ ସମେତ ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟାରେ ଗଣେଷ ମେଢ ସହ ବିଷ୍ଣୁଙ୍କ ଦଶାବତାର ବେଶ ସାଙ୍ଗକୁ ଆଲୋକସଜା ଓ ତୋରଣକୁ ଚଳିତ ବର୍ଷ ବେଶ ଆକର୍ଷଣୀୟ କରାଯାଇଛି ।

# ବିଜେଡ଼ି ଦଳରେ ମିଶିଲେ ବହୁ କର୍ମୀ



ନୀଳଗିରି(ନିପ୍ର): ଶୁକ୍ରବାର ଦିନ ୧୧ଟା ସମୟରେ ନୀଳଗିରିରେ ଥିବା ବିଜେଡ଼ି କାର୍ଯ୍ୟାଳୟ ପରିସରରେ ବହୁ କର୍ମୀ ବିଜେଡ଼ି ଦଳରେ ସାମିଲ ହୋଇଛନ୍ତି । ବିଜେଡ଼ି ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଦଳରେ ମିଶିଲେ । ନୀଳଗିରି ବ୍ଲକ ଜାମୁଡ଼ିହା ପଂଚାୟତର ସମାଜ ସେବୀ ରାମକୃଷ୍ଣ ମହାପାତ୍ରଙ୍କ ନେତୃତ୍ୱରେ ରିଙ୍ଗପୁର ଗ୍ରାମର ୨୫ରୁ ଉର୍ଦ୍ଧ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡ଼ି ଦଳରେ ସାମିଲ ହୋଇଛନ୍ତି । ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ସମସ୍ତ କର୍ମୀଙ୍କୁ ପୁଷ୍ପ ଗୋଛ, ବିଜେଡ଼ି ଉତରୀ ଓ ଟୋପି ଦେଇ ବିଜେଡ଼ି ଦଳରେ ସାମିଲ କରାଇଥିଲେ । ଏହି ଅବସରରେ ଜାମୁଡ଼ିହା ପଂଚାୟତର ସମାଜସେବୀ ରାମକୃଷ୍ଣ ମହାପାତ୍ରଙ୍କ ନେତୃତ୍ୱରେ ବିଜୟ ରାଉତ, ତପନ ସାହୁ, ବାବୁଲା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଜାମୁଡ଼ିହା ସରପଂଚ ଚାନ୍ଦମଣି ମୁର୍ମୁ, ବିଜେଡ଼ି ର ଜିଲ୍ଲା ଉପ-ସଭାପତି ଗଙ୍ଗାଧର ମିଶ୍ର, ସିଆଡ଼ିମାଳ ପଂଚାୟତର ସମିତି ସଭ୍ୟ ରାଜୀବ ଦାସ ବାବୁ, ସମାଜସେବୀ ଉପେନ୍ଦ୍ର ଦାସ, ଆରବନ୍ଧ ସରପଂଚ କୁଳମଣି ନାୟକ, ଛତ୍ରପୁର ସରପଂଚ ମାଳତୀ ମାରାଣ୍ଡି ଓ ନାୟବ ସରପଂଚ ହରେକୃଷ୍ଣ ମାଝୀ, ସିନ ବାଗ, ସଞ୍ଜୟ ସିଂ, ପିଠା ହତା ସରପଂଚ ପ୍ରଭାକର ଭୁଗୁଡାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ବିପର୍ଯ୍ୟସ୍ତ ରାସ୍ତା ଘାଟ ମରାମତି ପ୍ରତିଶ୍ରୁତି: ବିଜେଡିର ଆନ୍ଦୋଳନ ଟଳିଲା

ଜଳେଶ୍ୱର(ନିପ୍ର): ପ୍ରବଳ ବର୍ଷା ଲଗାତାର ବନ୍ୟା ଯୋଗୁଁ ଜଳେଶ୍ୱରର ବିଭିନ୍ନ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ମୁଖ୍ୟ ରାସ୍ତାଠାରୁ ଆରମ୍ଭକରି ଗ୍ରାମାଂଚଳର ରାସ୍ତା ଦୁର୍ଗମ ହୋଇଥିବାରୁ ଯାନବାହାନ ଓ ପଥାଚାରୀଙ୍କ ଗମନାଗମନରେ ଘୋର ବାଧକ ସୃଷ୍ଟି ହୋଇଛି । ରାସ୍ତାରେ ବିଭିନ୍ନ ସ୍ଥାନରେ ଗର୍ତ ସୃଷ୍ଟି ହୋଇଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟି ଚାଲିଛି । ସହରର ବିଭିନ୍ନ ରାସ୍ତା ମରାମତି ଦାବିରେ ଗତ ୫ତାରିଖ ଦିନ ବିଜେଡି ପକ୍ଷରୁ ତହସିଲଦାରଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ରାସ୍ତାମରାମତି ନ ହେଲେ ଆସନ୍ତା ୨୧ତାରିଖ ଦିନ ପୁଣି ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା । କିନ୍ତୁ ସମ୍ପୃକ୍ତ ବିଭାଗ ଉପସ୍ଥିତ ରେ ଶନିବାର ପୂର୍ତ ବିଭାଗ ଡାକବଙ୍ଗଳାରେ, ପୂର୍ତ ବିଭାଗ, ଆରଡି ଓ ଜଳସେଚନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କ ସହିତ ବିଧାୟକଙ୍କ ଏକ ସମୀକ୍ଷା ବୈଠକ ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ତ ବିଭାଗ ଅଧୀନରେ ଥିବା ୱାର୍ଡ ନଂ ୧ ହିରୋ ସୋ ରୁମ୍ ଠାରୁ ୱାର୍ଡ ନଂ ୬ ବାସନ୍ତୀ ପଡିଆ, ୧୧ନଂ ୱାର୍ଡ ବଡବଜାର ଠାରୁ ୧୨ନଂ ୱାର୍ଡ ନୂଆ ବଜାର ପର୍ଯ୍ୟନ୍ତ ରାସ୍ତାର ପାର୍ବଣ ପୂର୍ବରୁ ମରାମତି କରାଯିବା ସଂପର୍କରେ ପ୍ରତିଶ୍ରୁତି ମିଳିଛି । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥ ?ିବା ୪ ନଂ ୱାର୍ଡ ହାଟଛକ ଠାରୁ ୮ନଂ ୱାର୍ଡ ପାଇକପାଟଣା ପର୍ଯ୍ୟନ୍ତ ରାସ୍ତାକୁ ତୁରନ୍ତ ମରାମତି ଲାଗି ବିଧାୟକ ଆଲୋଚନା କରିଥିଲେ । ଜଳେଶ୍ୱର ସହରକୁ ସୁରକ୍ଷା ଦେବା ଲାଗି ସୁବର୍ଷରେଖା ନଦୀବନ୍ଧରେ ନିର୍ମାଣ କରାଯାଇଥିବା ୧ନଂ ୱାର୍ଡ ଝାଡେଶ୍ୱରପୁର ଠାରୁ ୮ନଂ ୱାର୍ଡ ଫଂଚୁଘଂଟା ପୀର ବାବା ପର୍ଯ୍ୟନ୍ତ ଚଂ ରୋଡର ମରାମତି ଲାଗି ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୁବର୍ଣ୍ଣରେଖା ନଦୀର କେତେକ ସ୍ଥାନରେ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଅତଡା ଖସିବା ସହିତ ସ୍ପର ନଷ୍ଟ ହୋଇଛି । ତେଣୁ ସେହିସବୁ ସ୍ଥାନରେ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ପଥର ପେକିଂ ଓ ହାଇ ସ୍ପୋର ନିର୍ମାଣ ହେବା ସଂପର୍କରେ ବିଭାଗୀୟ ଅଧିକାରୀ ମାନେ ସୂଚନା ଦେଇଥିଲେ । କ୍ୟାଥେଲିକ ଚର୍ଚ୍ଚ ଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ୧୯ କୋଟି ବ୍ୟୟ ଅଟକଳରେ ୭୦ଫୁଟ ଓସାର ୪ ଲେନ୍ ରାସ୍ତା ନିର୍ମାଣ ଏବଂ ଜେକେ ଭଟର ହସ୍ପିଟାଲ ଠାରୁ ଆମ୍ବଳିଅଠା ପର୍ଯ୍ୟନ୍ତ ୨ ଲେନ ବିଶିଷ୍ଟ ସଡ଼କ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି ।ଆଦର୍ଶ ବିଦ୍ୟାଳୟରେ ପାଣି ଓ ବିଦ୍ୟୁତ୍ ସମସ୍ୟା ସମାଧାନ କରାଯିବାକୁ ବିଧାୟକ ତାଗିଦ୍ କରିଥିଲେ । ଆସନ୍ତା ୧ତାରିଖ ସୁଦ୍ଧା ରାସ୍ତା ମରାମତି କାର୍ଯ୍ୟ କରାନଗଲେ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧିଜୟନ୍ତୀ ଦିନ ବିଜେଡି ପକ୍ଷରୁ ପୁଣି ଆନ୍ଦୋଳନ ଚେତାବନୀ ଦିଆଯାଇଛି । ଏହି ଆଲୋଚନା ରେ ପୂର୍ତ ବିଭାଗର ଏସ୍‌ସି ସୌମ୍ୟରଂଜନ ମଲ୍ଲିକ, ଆରଡି ବିଭାଗର ଏସ୍‌ସି ଜଗନ୍ନାଥ ପାତ୍ର, ଜଳସେଚନ ବିଭାଗର ସହକାରୀ ଏସ୍‌ସି ସତ୍ୟସୁନ୍ଦର ମଣ୍ଡଳ ଓ ସରିତା ଜେନା, ତହସିଲଦାର ସତ୍ୟଜିତ, ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କ ସହିତ ଆଲୋଚନା କରିଥିଲେ । ଦଳ ତରଫରୁ ବିଧାୟକ ଅଶ୍ୱିନୀ ପାତ୍ର, ପୌରପାଳ ପ୍ରତୀପ୍ ପ୍ରଧାନ, ବ୍ଲକ ଅଧକ୍ଷ ମାନସ, ରାଜ୍ୟ ସଂଖ୍ୟା ଲଘୁ ସମ୍ପ୍ରଦାୟର ସମ୍ପାଦକ ଶେକ୍ ଅବଦୁଲ୍ ରହିମ୍, ବିଜୟ କାମିଲା, ଆନନ୍ଦ କର, ସୂରଜ ଚୈରାସିୟା ପ୍ରମୁଖ ମରାମତି ପ୍ରତିଶ୍ରୁତି ପାଇଥିବା ଜଣାଇଛନ୍ତି ।

# ଦେଶୀ ରନ୍ଧା ମଦ ଜବତ, ୪ ଗିରଫ

ସିମୁଳିଆ(ନିପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଓ ନୀଳଗିରି ଅବକାରୀ ନିରୀକ୍ଷକ ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଖଇରା ଅବକାରୀ ଥାନା ଅନ୍ତର୍ଗତ ଉସଙ୍ଗ, ରପେୟା, ହଳିସୋ ଓ ଛତ୍ରପୁର ଗ୍ରାମରେ ଚଢ଼ାଉ କରାଯାଇ ୯୫ ଲିଟର ଦେଶୀ ମଦ ଜବତ କରିବା ସହିତ ଉସଙ୍ଗ ଗ୍ରାମର ବସନ୍ତ ନାୟକ, ରପେୟା ଗ୍ରାମର ଗୋପିନାଥ ବେହେରା, ହଳିସୋ ଗ୍ରାମର ପାଣ୍ଡୁ ସିଂ ଓ ଛତ୍ରପୁର ଗ୍ରାମର ମଥୁରୀ ହାତୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୪ ଗୋଟି ମାମଲା ରୁଜୁ କରାଯାଇଛି ।

# ଅଳ୍ପକେ ବର୍ତିଗଲେ ବାଇକ୍ ଚାଳକ

ସୋର(ନିପ୍ର): ରାସ୍ତାରେ ଯାଉଥିବା ବେଳେ ହୁତୁ ହୁତୁ ହୋଇ ଜଳିଗଲା ବାଇକ, ଅଳ୍ପକେ ବର୍ତିଗଲେ ବାଇକ ଚାଳକ । ବିହାର ଅଂଚଳର ଭରତ କୁମାର ପଣ୍ଡିତ ସୋରରେ ରହି ରାଜମିସ୍ତ୍ରି କାର୍ଯ୍ୟ କରନ୍ତି । ଆଜି ସେ ତାଙ୍କ ବାଇକ୍ ?ରେ ୧୬ ଜାତୀୟ ରାଜପଥ ଖନ୍ତାପଡ଼ାରୁ ନିଜ ଭଡ଼ାଘର ସୋର ଅଭିମୁଖେ ଆସୁଥିବା ବେଳେ ନାଇକବନ୍ଧ ନିକଟରେ ହଠାତ୍ ତାଙ୍କ ଚଳନ୍ତା ଗ୍ଲାମର ବାଇକରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା ଜାଣି ପାରି ଶ୍ରୀ ପଣ୍ଡିତ ଗାଡ଼ିରୁ ଡ଼େଇଁ ପଡ଼ିଥିଲେ । ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଂଚି ବାଇକ୍‌ଟି ଲିଭାଇବା ବେଳକୁ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଥିବା ଦେଖାଯାଥିଲା । ଉଦ୍ଧାର କାର୍ଯ୍ୟ ରେ ସହଯୋଗ କରିଥିଲେ ।

# ବଢ଼େଇ ସାହି ପୀଠ ଗଣେଷଙ୍କ ସ୍ୱତନ୍ତ୍ର ବିଧି ପୂର୍ବକ ପୂଜା ଅର୍ଚ୍ଚନା

କଟକ(ନିପ୍ର): ବକ୍ସିବଜାର ବଢ଼େଇ ସାହିରେ ପୀଠରେ ଥିବା ପାଂଚ ଫୁଟ ଉଚ୍ଚତାର କଳା ମୁଗୁନି ପଥରରେ ନିର୍ମିତ ମହାପ୍ରଭୁ ଶ୍ରୀ ଗଣେଷଙ୍କ ପ୍ରତିବର୍ଷ ପରି ଚଳିତ ବର୍ଷ ଯଥା ବିଧି ଆନୁଷ୍ଠାନିକ ଭାବରେ ସମ୍ପନ୍ନ ହୋଇଛି । ଏହି ଅବସରରେ ଏକ ସଭାର ମଧ ଆୟୋଜନ କରାଯାଇ ଥିଲା । ମଂଚାସୀନ ମୁଖ୍ୟ ଅତିଥି ଥିଲେ ବାରବାଟୀ କଟକର ବିଧାୟିକା ସୋଫିଆ ଫିର୍ଦୋଷ, ସମ୍ମାନିତ ଅତିଥି ଭାବରେ ମଙ୍ଗଳାବାଗ ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଉମାକାନ୍ତ ସାହୁ, ମହାନଗର ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ଚୌଧୁରୀ, ରାଜ୍ୟ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ସଭାପତି ସୂର୍ଯ୍ୟ ନାରାୟଣ ମହାରଣା, ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିରସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ପୂଜା ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା । ଉଦଯାପନ ଅବସରରେ ଦୁଇ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଦୀନକୃଷ୍ଣ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଜଳେଶ୍ୱର(ନିପ୍ର): ଦୀନକୃଷ୍ଣ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ +୩ ପ୍ରଥମ ବର୍ଷ ପଦାର୍ଥ ବିଜ୍ଞାନର ନୂତନ ଛାତ୍ରଛାତ୍ରୀ ଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କଲେଜର ଅଧକ୍ଷ ଡକ୍ଟର ହିମାଂଶୁ କୁମାର ସାମଲ ପୌରୋହିତ୍ୟ କରି ଛାତ୍ରଛାତ୍ରୀ ମାନେ ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାବୋଧ ଦ୍ୱାରା ଲକ୍ଷ୍ୟ ହାସଲ କରିପାରିବେ ବୋଲି ଉଦ୍ ?ବୋଧନ ଦେଇଥିଲେ । ପଦାର୍ଥ ବିଜ୍ଞାନର ମୁଖ୍ୟ ପ୍ରଦୀପ କୁମାର ରାଉଳ ଛାତ୍ରଛାତ୍ରୀ ମାନଙ୍କୁ ସଦା ଜାଗ୍ରତ ରହି, ଲକ୍ଷ୍ୟ ପ୍ରାପ୍ତି ନ ହେବା ପର୍ଯ୍ୟନ୍ତ ନିରନ୍ତର ଅଗ୍ରସର ହେବା ନିମନ୍ତେ ଉପଦେଶ ଦେଇଥିଲେ । ଅଧ୍ୟାପକ କେଦାରନାଥ ମହାନ୍ତି ଚରିତ୍ର ବଳ ମାଧମରେ ସଫଳତା ନିମନ୍ତେ ପ୍ରୋତ୍ସାହିତ କରିଥିଲେ ।

# ଭାଜପା ସାଂଗଠନିକ ଜିଲ୍ଲା ପ୍ରଥମ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ

ଜଳେଶ୍ୱର(ନିପ୍ର): ଭାରତୀୟ ଜନତା ପାର୍ଟିର ସାଂଗଠନିକ ଜିଲ୍ଲା ବାଲେଶ୍ୱର ଉତର ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ମାନନୀୟ ପ୍ରଦୀପ କୁମାର ପଣ୍ଡା ଙ୍କ ନେତୃତ୍ୱରେ ଜଳେଶ୍ୱର ସ୍ଥିତ ମୁରଲି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ମଣ୍ଡଳର ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତା ଯୋଗ ଦେଇଥିଲେ । ?ବୈଠକ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ସକାଳ ୯ଟାରୁ ଆରମ୍ଭ ହୋଇ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା । ଏହାପରେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ ସହିତ ବୈଠକର ଔପଚାରିକ ଶୁଭାରମ୍ଭ ହୋଇଥିଲା । ଅତିଥି ପରିଚୟ ଓ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମ ପରେ ଜିଲ୍ଲା ସଭାପତି ପ୍ରଦୀପ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକାରିଣୀ ବୈଠକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକ ପାତ କରିଥିଲେ । ବୈଠକକୁ ମାନନୀୟ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଉଦ୍ ?ଘାଟନ କରିଥିଲେ । ନିଜ ଅଭିଭାଷଣରେ ସେ ଉପସ୍ଥିତ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ବର୍ତମାନର ରାଜନୈତିକ ଓ ସାମାଜିକ ପରିସ୍ଥିତିରେ ଦଳୀୟ କାର୍ଯ୍ୟକର୍ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ସ୍ଥାନୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ସୁଦୃଢ଼ କରିବା, ଜନସାଧାରଣଙ୍କ ନିକଟରେ ସକ୍ରିୟ ରହିବା ଏବଂ ଦଳର ନୀତି ଓ ଚିନ୍ତାଧାରାକୁ ଲୋକଙ୍କ ନିକଟରେ ପହଂଚାଇବା ପାଇଁ ସେ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଜଣାଇଥିଲେ । ଦ୍ୱିତୀୟ ଅଧିବେଶନରେ ଜିଲ୍ଲାର କୋଷାଧକ୍ଷ ଫରନାଲ୍ ବିଶ୍ୱାଳ ଙ୍କ ଦ୍ୱାରା ବିଗତ ଦିନରେ ଦେହାନ୍ତ ହୋଇଥିବା କାର୍ଯ୍ୟକର୍ତା ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା । ତୃତୀୟ ଅଧିବେଶନରେ ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ଦତ ମାନନୀୟ ସାଂସଦ ଓ ଜିଲ୍ଲାର ନିର୍ବାଚନମଣ୍ଡଳୀ ନେତା ମାନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ଓ



ବିକାଶ ମୂଳକ ପଦକ୍ଷେପର ସଫଳତା ପାଠ କରିବା ସହିତ ପିପିଟି ମାଧ୍ୟମ ରେ ଦେଖାଇ କାର୍ଯ୍ୟକର୍ତାଙ୍କୁ ଉତ୍ସାହିତ କରିଥିଲେ ଏବଂ ସମସ୍ତ କାର୍ଯ୍ୟକର୍ତାଙ୍କୁ ଧନ୍ୟବାଦ ଦେଇଥିଲେ । ସଫଳତା ର କାହାଣୀ ଏତେ ମର୍ମସ୍ପର୍ଶୀ ଥିଲା ଯେ ରାଜ୍ୟ ସଭାପତି, ମଂଚାସିନ ଅତିଥି, ଜିଲ୍ଲା ପ୍ରଭାରୀ ଏବଂ କୃଷ୍ଣଚନ୍ଦ୍ର ଙ୍କର ପ୍ରଶଂସା କରଥିଲେ । ସମାପନୀ ଅଧିବେଶନରେ ସରକାରଙ୍କ ବିଭିନ୍ନ ଉପଲବ୍ଧି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିସ୍ତୃତ ଆଲୋଚନା କରିଥିଲେ । ଗତ କାଲି ଠାରୁ ଏକମାସ ବ୍ୟାପି ଜିଲ୍ଲାରେ ହେବାକୁ ଥିବା ସେବାକାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଏଥିସହ ଜିଲ୍ଲାରେ ସାଂଗଠନିକ କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ ଓ ପ୍ରଭାବଶାଳୀ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବା ଆବଶ୍ୟକ, ସେ ସମ୍ପର୍କରେ ସେ କାର୍ଯ୍ୟକର୍ତାମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ?ଏହାସହିତ ଜିଲ୍ଲା ପ୍ରଭାରୀ ଉମାକାନ୍ତ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ କ୍ୟାପ୍ଟେନ ଅଶୋକ କୁମାର ଦାସ, ରାଜ୍ୟ ଉପସଭା ନେତ୍ରୀ ସିପ୍ରା ବାଜପେୟୀ, ରାଜ୍ୟ ସ୍ୱେଶାଲ ଅତିଥି ରବୀନ୍ଦ୍ର ଜେନା, ଜଳେଶ୍ୱର ନେତା ବ୍ରଜମୋହନ ପ୍ରଧାନ, ଭୋଗରାଇ ନେତା ଆଶିଷ କୁମାର ପାତ୍ର, ବସ୍ତା ନେତା ରବୀନ୍ଦ୍ରନାଥ ଅଣ୍ଡିଆ, ଜିଲ୍ଲା ସାଧାରଣ ସମ୍ପାଦିକା ସୁମତିରାଣୀ ଦେ, ମଂଚ ଆହ୍ୱାନ କରିବା ସହିତ ଜିଲ୍ଲା ସାଧାରଣ ସମ୍ପାଦକ କମଳ ଲୋଚନ ଦାସ ପରିଚାଳନା କରିଥିଲେ । ଏହିପରି ଭାବେ ସଂଗଠନକୁ ଆହୁରି ସୁଦୃଢ଼ କରିବା, କାର୍ଯ୍ୟକର୍ତାଙ୍କୁ ନୂତନ ଦିଗ୍‌ଦର୍ଶନ ଦେବା ଏବଂ ଆଗାମୀ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାର ସଂକଳ୍ପ ସହ ଜିଲ୍ଲା ପ୍ରଭାରୀ ଉମାକାନ୍ତ ମହାପାତ୍ର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ବିଷୟରେ ଆଲୋଚନା କରିଥିଲେ ।ଜିଲା ଉପସଭାପତି ବସନ୍ତ କୁମାର ବାରିକ ଏବଂ ଜିଲ୍ଲା ସମ୍ପାଦକ ସଂଜୀବ ପାଢୀ ସମସ୍ତ ବକ୍ତା ଙ୍କୁ ଧନ୍ୟବାଦ ସମର୍ଥନ କରିଥିଲେ । ସର୍ବଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ମିଡ଼ିଆ ସଞ୍ଜୋଜୋକ ଇ. ଦିବାକର ରାଉତ, ଖଗେନ୍ଦ୍ର ନାୟକ, କାଳୀ ଚରଣ ଦାସ, ତପନ ପାତ୍ର, ତାପସ ପାଣିଗ୍ରାହୀ, ରଞ୍ଜିତ ପାତ୍ର, ଅଞ୍ଜନ ଦାସ କାର୍ଯ୍ୟକ୍ରମକୁ ସଫଳ ରୂପେ ସଂଚାଳନ କରିଥିଲେ ।



# ବେଆଇନ ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ



ବ୍ରହ୍ମପୁର(ନିପ୍ର) : ନିମଖଣ୍ଡି ଥାନା ଅନ୍ତର୍ଗତ ଓଡ଼ିଆ ଚଣ୍ଡିପଦର ମୁଖ୍ୟରାସ୍ତା ପାର୍ଶ୍ୱରେ ଚାଲିଥିବା ଏକ ବେଆଇନ୍ ଗୁଟକା କାରଖାନା ଉପରେ ଭାରତ ସରକାର ବସ୍ତୁ ଏବଂ ସେବା କର ଆସୂଚନା ମହାନିର୍ଦ୍ଦେଶାଳୟ ଭୁବନେଶ୍ୱର ଆଂଚଳିକ ୟୁନିଟ୍ ଓ ନିମଖଣ୍ଡି ଥାନା ପୁଲିସ ପକ୍ଷରୁ ଚଢଉ କରାଯାଇଥିଲା । ଏହି ଚଢାଉ ସମୟରେ ୩ଟି ଗୁଟକା ମେସିନ୍ ସହ ଗୋକୁଳ ଡିଲକ୍ସ ମିକ୍ସ ଓ ହରଡାଖଣ୍ଡି ପୁଡିଆ ସାମଗ୍ରୀ ଜବତ କରାଯାଇଥିବା ବେଳେ ଜି. ଜଗନ୍ନାଥପୁର ଗ୍ରାମର ଗୁଟକା କମ୍ପାନୀ ମାଲିକ ସିଏଚ୍ ଶିଶିର ପାତ୍ର ଅରଫ ସନ୍ତୁ ଫେରାର ଥିବା ସୂଚନା ମିଳିଛି । ବର୍ତମାନ ନିମଖଣ୍ଡି ଥାନା ପୁଲିସ ଫେରାର ଶିଶିରକୁ ଧରିବା ପାଇଁ ଚେଷ୍ଟା ଜାରି ରଖିଛି ।

# ଗାଡ଼ି କିଣିବା ପାଇଁ ପଇସା ନ ମିଳିବାରୁ ଆତ୍ମହତ୍ୟା

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଖଇରା ଥାନା ସାରକୋଣା ଗ୍ରାମର ସରୋଜିତ ଜେନା ବେକରେ ଶାଢୀବାନ୍ଧି ଆତ୍ମହତ୍ୟା କରିଛନ୍ତି । ଶନିବାର ପୁର୍ବାହ୍ନ ରେ ତାଙ୍କୁ ଗୁରୁତର ଅବସ୍ଥାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଗାଡି କିଣିବା ପାଇଁ ମାଙ୍କୁ ପଇସା ମାଗିବା ପରେ ମା' ଅକ୍ଷମତା ପ୍ରକାଶ କରିବାରୁ ସେ ରାଗରେ ଆତ୍ମହତ୍ୟା ବାଛିଥିବା ନେଇ ଖଇରା ପୋଲିସ ପକ୍ଷରୁ କୁହାଯାଉଛି ।

# ଏଏଚ୍‌ପିଜିଆଇସିରେ ମଧ୍ୟବର୍ତ୍ତୀ କାଳୀନ ସ୍ତନ ଏବଂ ଫୁସଫୁସ୍ କର୍କଟ ଅପଡେଟ୍ ସିଏମ୍‌ଇ ଅନୁଷ୍ଠିତ

କଟକ(ନିପ୍ର) : କଟକ ସ୍ଥିତ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ କର୍କଟରୋଗ ପ୍ରତିଷ୍ଠାନର ଅଙ୍କୋଲୋଜି ବିଭାଗ ପକ୍ଷରୁ ମଧ୍ୟବର୍ତ୍ତୀକାଳୀନ ସ୍ତନ ଏବଂ ଫୁସଫୁସ କର୍କଟ ସମ୍ବନ୍ଧୀୟ ଅପଡେଟ୍ ଶୀର୍ଷକ ଏକ ସି ଏମ୍ ଇ ଲେକ୍ଚର ଥିଏଟର-୧ରେ ଅନୁଷ୍ଠିତ ହୋଇଯାଇଛି । ସ୍ତନ କର୍କଟ ଓ ଫୁସ୍‌ଫୁସ୍ କର୍କଟର ନିଦାନ, ଚିକିତ୍ସା ଏବଂ ଆଧୁନିକ ଚିକିତ୍ସା ପଦ୍ଧତିରେ ଅଗ୍ରଗତି ଉପରେ ଏହି ସି.ଏମ୍.ଇ.ରେ ଆଲୋଚନା କରାଯାଇଥିଲା । ବିଶେଷ କରି ନୂତନ ଚିକିତ୍ସା ପ୍ରମାଣ, ଟାର୍ଗେଟେଡ୍ ଥେରାପି, ଇମ୍ୟୁନୋଥେରାପି ଏବଂ ମଲ୍ଟିଡିସିପ୍ଲିନାରୀ କ୍ୟାନ୍ସର କେୟାର ରେ ହେଉଥିବା ଅଗ୍ରଗତି ଉପରେ ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଏଏଚ୍‌ପିଜିଆଇସିର ନିର୍ଦ୍ଦେଶକ ଗ୍ରୁପ୍ କ୍ୟାପ୍ଟେନ୍ ପ୍ରଫେସର(ଡା) ଦୀପକ ରାଉତରାୟ, ଡିନ୍ ଓ ପ୍ରିନ୍ସିପାଲ୍ ପ୍ରଫେସର (ଡା) ରେଖା ଦାସ ଏବଂ ମେଡିକାଲ୍ ସୁପରିଂଟେଣ୍ଡେଣ୍ଟ ପ୍ରଫେସର (ଡା) ନିହାରିକା ପଣ୍ଡା ଉପସ୍ଥିତ ଥିଲେ । ପ୍ରଫେସର (ଡଃ) ପଦ୍ମାଳୟା ଦେବୀ, ପୂର୍ବତନ ପ୍ରିନ୍ସିପାଲ୍, ଏ ଏଚ ପି ଜି ଆଇ ସି ଏବଂ ହେଡ୍, ଡିପାର୍ଟମେଂଟ ଅଫ୍ ଅଙ୍କୋ ସର୍ଜରୀ, ସମ୍-୨ ହସ୍ପିଟାଲ୍, ଭୁବନେଶ୍ୱର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଫେସର (ଡଃ) ଦୀପ୍ତିରାଣୀ ସାମନ୍ତ, ମୁଖ୍ୟ, ମେଡିକାଲ୍ ଅଙ୍କୋଲୋଜି ବିଭାଗଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । ଆସୋସିଏଟ୍ ପ୍ରଫେସର (ଡଃ) ପ୍ରଶାନ୍ତ କୁମାର ପରିଡ଼ା ଏବଂ ଆସୋସିଏଟ୍ ପ୍ରଫେସର (ଡଃ) ଲାଲମୋହନ ସୟ ଏହି କାର୍ଯ୍ୟକ୍ରମର ପରିଚାଳନା ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ । ବିଶେଷଜ୍ଞମାନେ କହିଥିଲେ ଯେ, କର୍କଟ ଚିକିତ୍ସା କ୍ଷେତ୍ରରେ ଦ୍ରୁତଗତିରେ ନୂତନ ଚିକିତ୍ସା ପଦ୍ଧତି ଓ ବୈଜ୍ଞାନିକ ପ୍ରମାଣ ଯୋଡ଼ି ହେଉଥିବାରୁ ଏଭଳି ଶିକ୍ଷାମୂଳକ କାର୍ଯ୍ୟକ୍ରମ ଚିକିତ୍ସକ ମାନଙ୍କ ଜ୍ଞାନକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ । ଏହା ମାଧ୍ୟମରେ ଜ୍ଞାନର ଆଦାନ ପ୍ରଦାନ, ବିଶେଷଜ୍ଞ ମାନଙ୍କ ମଧ୍ୟରେ ଆଲୋଚନା ଏବଂ ସମନ୍ୱିତ କର୍କଟ ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାର ସୁଯୋଗ ସୃଷ୍ଟି ହୋଇଥିଲା । ଏହି ଅବସରରେ ପୂର୍ବତନ ପ୍ରଫେସର ସୁରେନ୍ଦ୍ରନାଥ ସେନାପତି, ପ୍ରଫେସର ସୁଦୀପ୍ତ ମହାନ୍ତି, ପ୍ରଫେସର କୁନାଲ ଗୌତମ, ପ୍ରଫେସର ସୁମିତା ମହାନ୍ତି, ଡ.ଅବନୀ କାନ୍ତ ନନ୍ଦ, ଡ. ଭରତ ଶତପଥୀ, ଡ ଶୁଭେନ୍ଦୁ ମହାପାତ୍ର, ପ୍ରଫେସର ସାଗରିକା ସାମନ୍ତରାୟ, ପ୍ରଫେସର ସୁବ୍ରତ ସାମନ୍ତରାୟ, ଡ ସୁଲଗ୍ନା ମହାନ୍ତି, କୋଲକତା ଆପୋଲୋ ହସ୍ପିଟାଲର ଡା ଜୟନ୍ତ ଘୋଷ, ମନୋରଞ୍ଜନ ମହାପାତ୍ର, ଡ ପୁଷ୍ପା ମଞ୍ଜରୀ ନାୟକ, ଡ ସୂର୍ଯ୍ୟକାନ୍ତ ଜୟସିଂହ, ପ୍ରଫେସର ସଂଯୁକ୍ତା ପାଢ଼ୀ, ଡ ସୁରେଶ କୁମାର ରାଉତ, ଡ ଅଧିରାଜ ଦଣ୍ଡପାଟ, ଡ ଲୁସି ପଟ୍ଟନାୟକ ପ୍ରମୁଖଙ୍କ ସମେତ ସମ୍ ହସ୍ପିଟାଲ, ସମ୍ ଅଲ୍ଟିମେଟ୍, ଏଚ ସି ଜି ପଣ୍ଡା କ୍ୟୁରି, ଏସ ସି ବି ମେଡିକାଲ କଲେଜର ବହୁ ସଂଖ୍ୟକ ଡାକ୍ତର, ନର୍ସିଂ ଅଫିସର ଓ ଫାର୍ମାସି ଅଫିସର ମାନେ ଯୋଗ ଦେଇଥିଲେ ।




# ଘୋଡ଼ାହାଡ଼ ଓ ବାଘଲାଟି ଡ୍ୟାମ୍‌ର ସାମଗ୍ରିକ ବିକାଶ ନେଇ ଆଲୋଚନା



ବ୍ରହ୍ମପୁର(ନିପ୍ର) : ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସମୃଦ୍ଧ ଓ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଜିଲ୍ଲା ପର୍ଯ୍ୟଟନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଦିଗପହଣ୍ଡି ଓ ଚିକିଟି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ପ୍ରସିଦ୍ଧ ଘୋଡ଼ାହାଡ଼ ଓ ବାଘଲାଟି ଡ୍ୟାମ୍‌ର ପରିପାର୍ଶ୍ୱିକ ବିକାଶ ସହ ଆବଶ୍ୟକ ଭିତିଭୂମି ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ ନେଇ ବିସ୍ତୃତ ଆଲୋଚନା ହୋଇଛି । ଏହି ଦୁଇ ପର୍ଯ୍ୟଟନ ସ୍ଥଳୀରେ ପ୍ରାକୃତିକ ପର୍ଯ୍ୟଟନ ସହ ଶିକ୍ଷା ପର୍ଯ୍ୟଟନର ବିକାଶ ଏବଂ ଜଳସେଚନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ସମନ୍ୱିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସୌନ୍ଦର୍ଯ୍ୟକରଣ ଓ ଭିତିଭୂମି ବିକାଶ ପାଇଁ ପ୍ରସ୍ତୁତ ଯୋଜନା ଓ ଡିପିଆର ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରାକୃତିକ ପରିବେଶ ଓ ସୌନ୍ଦର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖି ଏହି ଦୁଇ ସ୍ଥାନକୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଉପରେ ମତ ପ୍ରକାଶ ପାଇଥିଲା । ବୈଠକରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ପୂର୍ତ ଓ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଅବିନାଶ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ ।

# ବ୍ଳକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା




ନୀଳଗିରି(ନିପ୍ର) : ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡକୁଦ ପ୍ରତିଯୋଗିତା ୨୦୨୬-୨୭ ଜାମୁଡିହା ପଂଚାୟତ ସ୍ଥିତ ଅର୍ଜୁନ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀ ଆୟୋଜନରେ ତଥା ଉକ୍ତ ବିଦ୍ୟାଳୟ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତା ରେ ପ୍ରଥମ ଅଧିବେଶନ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ ପ୍ରଥମେ କ୍ରୀଡ଼ା ପତାକା ଉତୋଳନ କରି କ୍ରୀଡା ର ଶୁଭାରମ୍ଭ କରିଥିଲେ । ତାପରେ ମଶାଲ ଦୌଡ ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଉଥିଲା । ପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଖଟୁଆ ଜଗନ୍ନାଥ ଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ । ନିମନ୍ତ୍ରିତ ଅତିଥିଙ୍କୁ ମଂଚ ଆହ୍ୱାନ ଓ ପୁଷ୍ପ ଗୁଚ୍ଛ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଉତୋରୋତର ଉନ୍ନତି କାମନା କରିବା ସହିତ ପାଠ ପଢ଼ା ସହିତ ଖେଳ କୁଦ ରେ ମନୋନିବେଶ କରିପାରିଲେ ରାଜ୍ୟ ତଥା ଦେଶର ଗୌରବ ଆଣିପାରିବେ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଡଃ ନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ତଥା ବ୍ଲକ ସମ୍ବକ କେନ୍ଦ୍ର ସଂଯୋଜକ ଲମ୍ବୋଦର ସିଂ, ଓଷ୍ଟା ନୀଳଗିରି ସଭାପତି ଭାସ୍କର ଚନ୍ଦ୍ର ଜେନା, ଜାମୁଡିହା ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ହେମନ୍ତ କୁମାର ମଣ୍ଡଳ ମଂଚାସୀନ ଥାଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ନୀଳଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା ପ୍ରଥମ ଅଧିବେଶନ ରେ ସଭାପତିତ୍ୱ କରିଥିବା ବେଳେ ଜଡ଼ିବାଲି ଆଂଚଳିକ ସାଧନ କେନ୍ଦ୍ର ଅଧିନ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ନୀଳଗିରି ବ୍ଲକ ର ସର୍ବ ପ୍ରଥମେ ବଣଭୂଇଁ, ଅଯୋଧ୍ୟା, ତେଲିପାଳ, ମିତ୍ରପୁର ଚାରି ମଣ୍ଡଳ ରେ ବିଭକ୍ତ ଜୋନାଲ ରୁ ପିଲାଙ୍କୁ ଚୟନ କରାଯିବା ପରେ ବ୍ଲକ ସ୍ତରୀୟ ଚୟନ କରାଯାଇଥିଲା । ଏଥିରେ ୬୪ବିଦ୍ୟାଳୟରୁ ଷଷ୍ଠ ରୁ ଦ୍ୱାଦଶ ପର୍ଯ୍ୟନ୍ତ ୬୫୦ଛାତ୍ର ଛାତ୍ରୀ ଭଲିବଲ, ଫୁଟ ବଲ, ଖୋକୋ, କବାଡ଼ି, ଯୋଗ, ଆର୍ଥଲେଟିକ ରେ ଶହେ, ଦୁଇଶହ, ପାଂଚ ଶହ, ପନ୍ଦର ଶହ ମିଟର ଦୌଡ, ଜେବଲିନ ଥ୍ରୋ, ଡିସ୍କସ ଥ୍ରୋ, କ୍ରିକେଟ ଭଳି ଖେଳରେ ଭାଗ ନେଇ ଥିଲେ । ଅପରାହ୍ନ ୪ଘଟିକା ବେଳେ ଦ୍ୱିତୀୟ ଅଧିବେଶନ ରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ଲମ୍ବୋଦର ସିଂ ମଂଚାସିନ ଥାଇ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ଶିକ୍ଷା ଦାନ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରମୋଦ ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଭାସ୍କର ଚନ୍ଦ୍ର ଜେନା ସମବେତ ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଖେଳ ଶେଷରେ ପ୍ରଥମ, ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ୧୭ଜଣ ଲେଖାଏଁ ପ୍ରତିଯୋଗୀ ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ମନୋନ୍ନୀତ ହୋଇଥିବା ବେଳେ ସେମାନଙ୍କୁ ଉପଢୌକନ, ମାନପତ୍ର ଦେଇ ପୁରସ୍କୃତ କରାଯିବା ସହିତ ଅନ୍ୟ ସମସ୍ତ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଜଡ଼ିବାଲି ସିଆରସିସି ତପନ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉକ୍ତ ବିଦ୍ୟାଳୟ ର ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଶ୍ରୀଧର ମହାନ୍ତି, ମନୋଜ କୁମାର ରାଉତ, ଜଗଦୀଶ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ଦାସ, ପ୍ରଭାତ ରଞ୍ଜନ ଦାସ, ସର୍ବେଶ୍ୱର ସାହୁ, ଦିଲ୍ଲୀପ ନାୟକ କୁମୁଦିନୀ ସ ପ୍ରମୁଖ ଶିକ୍ଷୟତ୍ରୀ ଓ ଅଣଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ମଦର ଆବାସିକ ବିଦ୍ୟାଳୟକୁ ଜିଲ୍ଲା ନିରୀକ୍ଷଣ କମିଟିର ପରିଦର୍ଶନ

ନୟାଗଡ(ନିପ୍ର) : ରାଜ୍ୟର ବିଭିନ୍ନ ଛାତ୍ରୀନିବାସରେ ନାବାଳିକା ଉପରେ ନିର୍ଯାତନା ଦିନକୁ ଦିନ ବଢ଼ିବାରେ ଲାଗିଛି । ସରକାର ଏହା ଉପରେ ଦୃଢ଼ ପଦକ୍ଷେପ ନେଇଛନ୍ତି । ଏହି ପରିପ୍ରେକ୍ଷୀରେପ୍ରତେକ ଜିଲ୍ଲା ରେ ଚଢ଼ାଉ ଆରମ୍ଭ ହେଇଛି । ନୟାଗଡ଼ ଜିଲ୍ଲାର ବିଭିନ୍ନ ଛାତ୍ରୀନିବାସରେ ଚଢ଼ାଉ ଆରମ୍ଭ ହୋଇଛି । ପ୍ରଥମ ଦିନରେନୟାଗଡ଼ ବ୍ଲକ ଅନ୍ତର୍ଗତ ପାଣି ପାଇଲା ସ୍ଥିତ ମଦର ଆବାସିକ ବିଦ୍ୟାଳୟ ଶିଶୁଗୃହ ଓ କଳାପରିଷଦକୁ ଜିଲ୍ଲା ନୀରିକ୍ଷଣ କମିଟି ପରିଦର୍ଶନରେ ଆସି ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ନିରୀକ୍ଷଣ କରିବା ସହିତ ଗୃହ,ପରିବେଶ, ସ୍ୱାସ୍ଥ୍ୟସେବା, ଅଗ୍ନି ନିରାପତା, ପୋଷାକ, ଖାଦ୍ୟପେୟ, ଛାତ୍ରଛାତ୍ରୀ ମାନଙ୍କ ସ୍ଥିତି ଆଦି ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥା ଉପରେ ଟିକିନିଖି ତଦାରଖ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଆସିଥିଲା ବେଳେ ସମସ୍ତ କାର୍ଯ୍ୟ ଉପରେ ସନ୍ତୋଷ ପ୍ରକଟ କରିଥିଲେ ।

# ୫୬ କିଲୋ ଗଞ୍ଜେଇ ଜବତ, ୪ ଗିରଫ; ଜଣେ ଫେରାର



ବ୍ରହ୍ମପୁର(ନିପ୍ର) : ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଦୁଇଟି ପୃଥକ ମାମଲାରେ ୫୬ କିଲୋ ଗଞ୍ଜେଇ ଜବତ କରାଯାଇଛି । ଏହାସହ ଗୋଟିଏ କାର, ଗୋଟିଏ ସ୍କୁଟି ଓ ୩ଟି ମୋବାଇଲ ଫୋନ୍ ଜବତ ହୋଇଛି । ଏହି ୨ଟି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଡୁଗୁଡ଼ି-ବି ଗ୍ରାମର କାଳିଆ କହଁର(୨୫), ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲା ଜିଆଗଞ୍ଜ ଥାନା ଅନ୍ତର୍ଗତ ଆଜିମଗଞ୍ଜ ମିନି ବଜାରର ଦୀପକ ମଣ୍ଡଳ (୨୨) ଏବଂ ଆଜିମଗଞ୍ଜ ଅଂଚଳର କୌଶିକ କର୍ମକାର (୨୦) । ସୂଚନାଯୋଗ୍ୟ ଯେ, ଅବକାରୀ ଟିମ୍ ଆଜି ପ୍ରଥମେ ଜଗଦଳପୁର ଛକ ନିକଟରେ ଚଢ଼ଉ ଅଭିଯୁକ୍ତ ଅଜିତ ମଲ୍ଲିକ (୨୫)ଙ୍କୁ ଗିରଫ କରି ତାଙ୍କ ନିକଟରୁ ୬ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ରାଜା ଦିଗାଲ ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲ । ଅନ୍ୟ ଏକ ଘଟଣାରେ ଆଙ୍କୁଶପୁର ଛକ ନିକଟରେ ଚଢ଼ଉ କରାଯାଇ ୫୦ କିଲୋ ଗଞ୍ଜେଇ ଜବତ କରିଥିଲା ଅବକାରୀ ।

# ଆନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ-୨୦୨୬ ପାଳିତ




ବ୍ରହ୍ମପୁର/ଛତ୍ରପୁର(ନିପ୍ର) : "ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର" ବାର୍ତାକୁ ନେଇ ଗଞ୍ଜାମ ଜିଲ୍ଲାର ଗୋପାଳପୁର ବେଳାଭୂମିରେ ଆଜି ଆନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ-୨୦୨୬ ପାଳିତ ହୋଇଯାଇଛି । ସମୁଦ୍ରତଟକୁ ପ୍ଲାଷ୍ଟିକ ଓ ବର୍ଜ୍ୟମୁକ୍ତ ରଖିବା ସହ ସାମୁଦ୍ରିକ ପରିବେଶର ସୁରକ୍ଷା ନେଇ ଜନସଚେତନତା ସୃଷ୍ଟି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବ୍ରହ୍ମପୁର ଜୋନାଲ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଫେଇ ଅଭିଯାନରେ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜେ ସମୁଦ୍ରତଟ ସଫେଇ କରିଥିଲେ । ସମୁଦ୍ର, ବେଳାଭୂମି ଓ ସାମୁଦ୍ରିକ ପରିବେଶର ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ, "ଆମ ଭିତରୁ ମଧ୍ୟ ଆଫରୋଜ ଶାହାଙ୍କ ଭଳି ପରିବେଶପ୍ରେମୀ ବାହାରିବା ଦରକାର ।" ୨୦୧୫ ମସିହାରେ ମୁମ୍ବାଇର ସମୁଦ୍ରତଟ ସଫେଇରୁ ଆଫରୋଜ ଶାହାଙ୍କ ଆରମ୍ଭ ହୋଇଥିବା ପ୍ରୟାସ ପରବର୍ତୀ ସମୟରେ ଏକ ବ୍ୟାପକ ଜନସଚେତନତାର ରୂପ ନେଇଥିଲା । ଏଭଳି ପରିବେଶ ପ୍ରେମୀଙ୍କ ଠାରୁ ପ୍ରେରଣା ନେଇ ନିଜ ଅଂଚଳର ପରିବେଶ ଓ ସମୁଦ୍ରତଟର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବ୍ରହ୍ମପୁର ଜୋନାଲ କାର୍ଯ୍ୟାଳୟର ଆଂଚଳିକ ଅଧିକାରୀ ଦୀପକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଅସୀମା ସାହୁ, ଗୋପାଳପୁର ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ନାହାକ, ଗୋପାଳପୁର କଲେଜର ଅଧକ୍ଷଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ସାଗର ବନ୍ଧୁ ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ଅଭିଯାନରେ ଅଂଶଗ୍ରହଣକାରୀ ମାନେ ମିଳିତ ଭାବେ ଗୋପାଳପୁର ବେଳାଭୂମି ସଫେଇ କରିବା ସହ ପ୍ଲାଷ୍ଟିକ, ପଲିଥିନ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମରେ "ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର" ଓ "ସବୁଜ ସାଗର"ର ବାର୍ତା ପ୍ରଚାର କରାଯିବା ସହ ସମୁଦ୍ରତଟ ସଫେଇ ଓ ପରିବେଶ ସୁରକ୍ଷାକୁ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମରେ ସୀମିତ ନ ରଖି ନିୟମିତ ଭାବେ ଜାରି ରଖିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା ।

# ୨୧ରେ ଲଘୁଚାପ, ୨୨ରେ ଗଭୀର ଅବପାତ ସମ୍ଭାବନା

ଭୁବନେଶ୍ୱର: ଉତର ଆଣ୍ଡାମାନ ସାଗର ଓ ଏହାର ପାର୍ଶ୍ୱବର୍ତୀ ଅଂଚଳରେ ଶନିବାର ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପରବର୍ତୀ ସମୟରେ ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରିବା ସହ କ୍ରମଶଃ ଘନୀଭୂତ ହେବ । ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୨୧ ତାରିଖ ବେଳକୁ ଏହି ଲଘୁଚାପ କ୍ଷେତ୍ର ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅବପାତର ରୂପ ନେଇପାରେ । ପରବର୍ତୀ ୨୨ ତାରିଖ ବେଳକୁ ଏହା ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଗଭୀର ଅବପାତର ରୂପ ନେବାର ସମ୍ଭାବନା ରହିଛି ।ଏହି ସମୟରେ ଅବପାତଟି ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି ଜାରି ରଖି ଉପକୂଳ ମୁହାଁ ହେବ । ଆସନ୍ତା ୨୩ ତାରିଖ ସକାଳ ବେଳକୁ ଏହା ଦକ୍ଷିଣ ଓଡ଼ିଶା-ଉତର ଆନ୍ଧ୍ର ଉପକୂଳ ନିକଟତର ହେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ପାଣିପାଗ ପରିବର୍ତନକୁ ନେଇ ଉପକୂଳବର୍ତୀ ଅଂଚଳରେ ନଜର ରଖାଯାଉଥିବା ବେଳେ ପରବର୍ତୀ ସମୟରେ ଏହାର ଗତିପଥ ଓ ତୀବ୍ରତା ସମ୍ପର୍କରେ ଅଧିକ ସ୍ପଷ୍ଟ ଚିତ୍ର ମିଳିପାରିବ ।













# ପରିବେଶ ଓ ଜଳବାୟୁ ଗତିଶୀଳତାର ଭବିଷ୍ୟତ ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ: ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆଜି "ପରିବେଶ ଓ ଜଳବାୟୁ ଗତିଶୀଳତାର ଭବିଷ୍ୟତ" ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ । ଏହି ଅବସରରେ ସମ୍ବୋଧନ ଦେଇ ପ୍ରଧାନମନ୍ତ୍ରୀ ପ୍ରକୃତି ସହ ଭାରତର ଗଭୀର ଐତିହାସିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ପ୍ରାଚୀନ ସାଂସ୍କୃତିକ ଜ୍ଞାନ କିପରି ଆଧୁନିକ ଜଳବାୟୁ ସମାଧାନକୁ ଆକାର ଦେବା ସହ ବିଶ୍ୱସ୍ତରରେ ସାମୂହିକ ପଦକ୍ଷେପ ପାଇଁ ପ୍ରେରଣା ଯୋଗାଉଛି, ସେ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନକୁ ଦୃଢ଼ତାର ସହ ଆଗେଇ ନେଉଥିବା ଜାତୀୟ ସବୁଜ ଟ୍ରିବ୍ୟୁନାଲ୍ (ଏନଜିଟି)ର ପ୍ରୟାସକୁ ସେ ପ୍ରଶଂସା କରିବା ସହ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । "ଆଧୁନିକ ଜଳବାୟୁ ଆହ୍ୱାନର ସମାଧାନ ଏବେ ଭାରତ ପ୍ରଦାନ କରୁଛି," ବୋଲି ଶ୍ରୀ ମୋଦୀ କହିଥିଲେ ।କାର୍ବନ ଫୁଟ୍‌ପ୍ରିଂଟ୍ ସମ୍ପର୍କରେ ତ୍ରୁଟିପୂର୍ଣ୍ଣ ବିଶ୍ୱ ବର୍ଣ୍ଣନାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ ବିକଶିତ ଦେଶଗୁଡ଼ିକ ଭାରତ ତୁଳନାରେ ମୁଣ୍ଡପିଛା ଛଅ ଗୁଣ ଅଧିକ କାର୍ବନ ନିର୍ଗମନ କରୁଛନ୍ତି । ଏହା ସତ୍ତ୍ୱେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଅନ୍ୟାୟ ଭାବରେ ଦୋଷ ଦିଆଯାଉଛି । ସିଓପି-୨୧ ରେ 'ସୁବିଧାଜନକ କାର୍ଯ୍ୟ- ପରିବର୍ତନ ପାଇଁ ନିରନ୍ତରତା'( କନଭିନିଏଂଟ ଆକ୍ସନ – କଂଟିନ୍ୟୁଟି ଫର ଚେଞ୍ଜ) ପୁସ୍ତକର ଉନ୍ମୋଚନ ଏବଂ ଏକ ସୂର୍ଯ୍ୟ, ଏକ ବିଶ୍ୱ, ଏକ ଗ୍ରୀଡ୍, ଅନ୍ତର୍ଜାତୀୟ ସୌର ମେଂଟ, ସିଡିଆରଆଇ, ବିଶ୍ୱ ଜୈବ ଇନ୍ଧନ ମେଂଟ ଏବଂ ଅନ୍ତର୍ଜାତୀୟ ବଡ ବିଲେଇ ମେଂଟ ଭଳି ପ୍ଲାଟଫର୍ମ ସୃଷ୍ଟିକୁ ମନେ ପକାଇଥିଲେ । ଏହି ଐତିହାସିକ ସତ୍ୟକୁ ଜାହିର କରିବା ଏବଂ ଏହାର ପାରମ୍ପରିକ ପରିବେଶଗତ ଶକ୍ତି ପ୍ରଦର୍ଶନ କରିବା ପାଇଁ ଅନ୍ତର୍ଜାତୀୟ ପ୍ଲାଟଫର୍ମଗୁଡ଼ିକୁ କିପରି ଦେଶ ବ୍ୟବହାର କରେ ସେ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଆମେ ବିଶ୍ୱକୁ ସାଙ୍ଗରେ ନେଇ ପରିବେଶ ସୁରକ୍ଷା ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରୁଛୁ ବୋଲି ଶ୍ରୀ ମୋଦୀ କହିଥିଲେ ।ପ୍ରାଚୀନ ଦର୍ଶନକୁ ଆଧୁନିକ କାର୍ଯ୍ୟାନ୍ୱୟନ ସହିତ ସଂଯୋଗ କରି, ପ୍ରଧାନମନ୍ତ୍ରୀ ଗତ ୧୨ ବର୍ଷ ମଧ୍ୟରେ ପରିବେଶ କ୍ଷେତ୍ରରେ ହୋଇଥିବା ପ୍ରତ୍ୟେକ ଅସାଧାରଣ ପ୍ରଗତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ବିଶେଷ କରି ନବୀକରଣୀୟ ଶକ୍ତି ପ୍ରତି ଏକ ବିଶାଳ ରଣନୈତିକ ଦିଗ ଉପରେ ଉଲ୍ଲେଖ କରିଥିଲେ । ସେ ଗର୍ବର ସହିତ କହିଥିଲେ ଯେ ଦେଶ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହାର ସିଓପି - ୨୧ ପ୍ରତିଶ୍ରୁତି ହାସଲ କରି ଜି-୨୦ ମଧ୍ୟରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି, ଅଣ-ଜୀବାଶ୍ମ ଇନ୍ଧନ ଏବଂ ସୌର କ୍ଷମତାରେ ବିଶ୍ୱ ମାନଦଣ୍ଡ ସ୍ଥାପନ କରିଛି । ପ୍ରତ୍ୟେକ ପାରାମିଟରରେ ଭାରତର ପ୍ରଦର୍ଶନ ଆଜି ବିଶ୍ୱରେ ଆଲୋଚନାର ବିଷୟ । ଦେଶର ସୌର କ୍ରାନ୍ତିର ସ୍ପଷ୍ଟ ପ୍ରମାଣ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଦ୍ୱାରା ପ୍ରାୟ ୧୨ ବର୍ଷ ପୂର୍ବେ ମାତ୍ର ୨ ଗିଗାୱାଟ କ୍ଷମତାରୁ ୧୬୦ ଗିଗାୱାଟରୁ ଅଧିକ ଲମ୍ଫ ପ୍ରଦାନ କରିବା କଥା ଉଲ୍ଲେଖ କରିଥିଲେ । ଯାହା ଦ୍ୱାରା ପ୍ରତି ପରିବାରକୁ ୮୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ସହିତ ୫୦ ଲକ୍ଷରୁ ଅଧିକ ଘରକୁ ସୌରଶକ୍ତିକରଣ କରାଯାଇଛି । କୁସୁମ ଯୋଜନା ଅଧୀନରେ ୩୦ ଲକ୍ଷ ଚାଷୀ ସୌର ପମ୍ପ ପାଇଛନ୍ତି, ସମ୍ପୂର୍ଣ୍ଣ ହୋଇଥିବା ଏକ ରାଷ୍ଟ୍ର-ଏକ ଗ୍ରୀଡ୍ ପ୍ରକଳ୍ପ ୨୦୦ ମିଲିୟନ୍ ଟନ୍ କାର୍ବନ ନିର୍ଗମନକୁ ସଫଳତାର ସହିତ ରୋକିଛି ।

# ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସରେ ସମୁଦ୍ର ତଟ ସ୍ୱଚ୍ଛ ରଖିବାକୁ ଗୁରୁତ୍ୱାରୋପ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆଜି ହେଉଛି ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ । ଏହି ଅବସରରେ ଓଡ଼ିଶା ପାଇଁ ସମୁଦ୍ର କେବଳ 'ସମୁଦ୍ର' ନୁହେଁ; ଏହା ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଓଡ଼ିଶାର ସମୁଦ୍ରତଟକୁ ସ୍ୱଚ୍ଛ, ସମୁଦ୍ରକୁ ସୁସ୍ଥ ଓ ଉପକୂଳବର୍ତୀ ସମୁଦାୟକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।ସୋସିଆଲ ହ୍ୟାଣ୍ଡେଲରେ ଏକ ବାର୍ତା ଜାରି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମର ଉପକୂଳ କେବଳ ବାଲି ଓ ସମୁଦ୍ରର ଏକ ବିସ୍ତୃତ ଅଂଚଳ ନୁହେଁ । ଏହା ଓଡ଼ିଶାର ପରିଚୟ, ଐତିହ୍ୟ ଓ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପୁରୀର ପବିତ୍ର ସମୁଦ୍ରତଟରୁ ଗୋପାଳପୁର ପର୍ଯ୍ୟନ୍ତ, ଭିତରକନିକାର ହେନ୍ତାଳ ଓ ଲୁଣା ଜଙ୍ଗଲରୁ ଆରମ୍ଭ କରି ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସ୍ଥଳ ପର୍ଯ୍ୟନ୍ତ, ଆମ ଉପକୂଳ ପିଢ଼ି ପରେ ପିଢ଼ି ଚାଲିଆସୁଥିବା କାହାଣୀ, ପରମ୍ପରା ଓ ସ୍ମୃତିକୁ ନିଜ ମଧ୍ୟରେ ବହନ କରିଛି । ଓଡ଼ିଶା ପାଇଁ ସମୁଦ୍ର କେବଳ 'ସମୁଦ୍ର' ନୁହେଁ; ଏହା ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ । ମହୋଦଧି, ଯାହା ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମିର ସାକ୍ଷୀ ହୋଇ ରହିଛି, ପ୍ରକୃତି, ଆସ୍ଥା ଓ ଆମ ଜୀବନଶୈଳୀ ସହିତ ଆମର ଚିରନ୍ତନ ସମ୍ପର୍କକୁ ପ୍ରତିଫଳିତ କରେ ।କିନ୍ତୁ ସବୁଠାରୁ ବଡ଼ କଥା ହେଉଛି, ଓଡ଼ିଶାର ଉପକୂଳର କାହାଣୀ ହେଉଛି ଏହାର ଲୋକମାନଙ୍କ କାହାଣୀ । ପିଢ଼ି ପରେ ପିଢ଼ି ଆମ ଉପକୂଳବର୍ତୀ ସମୁଦାୟ, ଯେଉଁଥିରେ ମତ୍ସ୍ୟଜୀବୀ, ନାବିକ, କୃଷକ, ମହିଳା, ଯୁବବର୍ଗ ଓ ଅସଂଖ୍ୟ ପରିବାର ସାମିଲ ଅଛନ୍ତି, ମହୋଦଧି ସହିତ ଜୀବନଯାପନ କରିଆସିଛନ୍ତି । ତେଣୁ ଆମ ଉପକୂଳର ସୁରକ୍ଷା କେବଳ ସମୁଦ୍ରତଟକୁ ସଂରକ୍ଷଣ କରିବା ନୁହେଁ; ଏହା ଜୀବିକା, ସାମୁଦ୍ରିକ ପରିବେଶ ଓ ଆମ ନୀଳ ଅର୍ଥନୀତିର ଭବିଷ୍ୟତକୁ ସୁରକ୍ଷିତ ରଖିବା ସହିତ ଜଡ଼ିତ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଜନଭାଗିଦାରୀ ମାଧ୍ୟମରେ ଏକ ସ୍ୱଚ୍ଛ ଓ ଅଧିକ ସ୍ଥାୟୀ ଭାରତ ଗଠନର ଦୃଷ୍ଟିକୋଣ ପରିବେଶ ସୁରକ୍ଷା ପାଇଁ ସାମୂହିକ ପ୍ରୟାସକୁ ନୂଆ ଗତି ପ୍ରଦାନ କରିଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଡ. ଜିତେନ୍ଦ୍ର ସିଂହ ଜୀ ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ନେତୃତ୍ୱରେ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ଅଭିଯାନ ନାଗରିକ, ଯୁବବର୍ଗ ଓ ଉପକୂଳବର୍ତୀ ସମୁଦାୟକୁ ଏକାଠି କରି ଆମ ସମୁଦ୍ରତଟର ସୁରକ୍ଷା ଓ ସମୁଦ୍ରର ସଂରକ୍ଷଣ ଦିଗରେ ଏହି ଦୃଷ୍ଟିକୋଣକୁ ଆଗେଇ ନେଉଛି । ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ଅବସରରେ, ଆସନ୍ତୁ ସମୁଦ୍ର ସହିତ ଆମର ଗଭୀର ସମ୍ପର୍କକୁ ଏକ ସାମୂହିକ ଦାୟିତ୍ୱରେ ପରିଣତ କରିବା । ଆମ ସମୁଦ୍ରତଟରୁ ଆବର୍ଜନା ହଟାଉଥିବା ପ୍ରତ୍ୟେକ ହାତ ଯେପରି କାହାର ଜୀବିକାର ସୁରକ୍ଷା କରୁଥିବା ହାତରେ ପରିଣତ ହେଉ, ଏବଂ ପ୍ରତ୍ୟେକ ସ୍ୱଚ୍ଛ ସମୁଦ୍ରତଟ ଆମ ପିଲାମାନଙ୍କ ପାଇଁ ଏକ ପ୍ରତିଶ୍ରୁତି ହେଉ ।



# ବାରାପୁଲ୍ଲା ଫେଜ୍-୩ର ଉଦ୍‌ଘାଟନ କରିବେ ଅମିତ ଶାହା

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ସେପ୍ଟେମ୍ବର ୨୯ରେ 'ବାରାପୁଲ୍ଲା (ବନ୍ଦା ସିଂ ବାହାଦୂର ସେତୁ) ପର୍ଯ୍ୟାୟ-୩' ମାର୍ଗକୁ ଉଦ୍‌ଘାଟନ କରିବେ, ଯାହା ପ୍ରକଳ୍ପ ସମାପ୍ତ ହେବା ସହିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରୁ ମୟୂର ବିହାର ପର୍ଯ୍ୟାୟ-୧ ପର୍ଯ୍ୟନ୍ତ ସିଧାସଳଖ ସଂଯୋଗ ସ୍ଥାପନ କରିବ । ଦିଲ୍ଲୀ ପୂର୍ତ ବିଭାଗ ମନ୍ତ୍ରୀ ପରବେଶ ସାହିବ ସିଂ ଶନିବାର ଦିନ 'ବାରାପୁଲ୍ଲା ଫେଜ୍-୩' ପ୍ରକଳ୍ପ ପରିଦର୍ଶନ କରିବା ପରେ କହିଛନ୍ତି ଯେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସେପ୍ଟେମ୍ବର ୨୯ରେ 'ବାରାପୁଲ୍ଲା ଫେଜ୍-୩' ଉଦଘାଟନ କରିବେ, ଯାହା ଦୀର୍ଘଦିନ ଧରି ଅଟକି ରହିଥିବା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବ ।



ସୋସିଆଲ ମିଡିଆ ଆକାଉଂଟ ଏକ୍ସରେ ଏକ ପୋଷ୍ଟରେ ସେ କହିଛନ୍ତି ଯେ ବର୍ଷ ବର୍ଷ ଧରି ଅଟକି ରହିଥିବା ଏହି ପ୍ରକଳ୍ପକୁ ଦିଲ୍ଲୀରେ ବିଜେପି ସରକାର ମାତ୍ର ଦେଢ଼ ବର୍ଷ ମଧ୍ୟରେ ଶେଷ କରିଛନ୍ତି, ଯାହା ଦିଲ୍ଲୀର ଭିତିଭୂମି ଏବଂ ସଂଯୋଗକୁ ବିପୁଳ ପ୍ରୋତ୍ସାହନ ଦେବ । ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ନେତୃତ୍ୱରେ ଦୀର୍ଘ ଦିନରୁ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକୁ ସମୟୋଚିତ ଭାବେ ସମ୍ପୂର୍ଣ୍ଣ କରିବା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଆଗକୁ ନିଆଯାଉଛି । ଉଲ୍ଲେଖନୀୟ କଥା ହେଉଛି, ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ପୂର୍ବ ଏବଂ ଦକ୍ଷିଣ ଦିଲ୍ଲୀ ମଧ୍ୟରେ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରିବା, ଯାହା ମୟୂର ବିହାର ଫେଜ୍ ୧ ଏବଂ ଏମ୍ସକୁ ସିଗ୍‌ନାଲ ମୁକ୍ତ ମାର୍ଗ ମାଧ୍ୟମରେ ସଂଯୋଗ କରିବ । ଏହି ନୂତନ ଫ୍ଲାଇଓଭରଟି ସରାଇ କାଲେ ଖାନରେ ଥିବା ବର୍ତମାନର ବାରାପୁଲ୍ଲା ଫେଜ୍ ୧ ଫ୍ଲାଇଓଭର ସହିତ ସଂଯୋଗ କରିବ, ଯାହା ପ୍ରାୟ ନଅ କିଲୋମିଟର ଦୂରତା ପୂରଣ କରିବ ।

# ତିଗିରିଆ ଆଦିବାସୀ ଆଶ୍ରମ ବିଦ୍ୟାଳୟରେ ବ୍ରିକ୍-ଆଇଏଲ୍‌ଏସ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜିତ




ତିଗିରିଆ, କଟକ: ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୬ର ଅଂଶସ୍ୱରୂପ ଭୁବନେଶ୍ୱରସ୍ଥିତ ବ୍ରିକ୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍ (ବ୍ରିକ୍-ଆଇଏଲ୍‌ଏସ୍) ପକ୍ଷରୁ ତିଗିରିଆସ୍ଥିତ ଏହାର ତୃତୀୟ କ୍ୟାମ୍ପସ୍ରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି । ଏହି ପଦକ୍ଷେପ ଅଧୀନରେ ବ୍ରିକ୍-ଆଇଏଲ୍‌ଏସ୍ର ଏକ ଟିମ୍ ତିଗିରିଆର ପୋପରାସ୍ଥିତ ଆଦିବାସୀ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିବା ସହ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ପରିମଳ ଅଭିଯାନ ଚଳାଇଥିଲେ । ବିଦ୍ୟାଳୟ ପରିସର, ଶୌଚାଳୟ ଆଦି ସଫା କରିବା ସହ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ ଏହି ଟିମ୍ । ବିଦ୍ୟାଳୟ ଏବଂ ଏହାର ଆଖପାଖ ଅଂଚଳରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବାକୁ ସେମାନେ ଉତ୍ସାହିତ କରିଥିଲେ । ଏହି ପଦକ୍ଷେପର ଉଦ୍ଦେଶ୍ୟ କେବଳ ସ୍ୱଚ୍ଛତା ପ୍ରସାର କରିବା ନଥିଲା, ବରଂ ସ୍ୱଚ୍ଛତା ଓ ପରିମଳର ବୈଜ୍ଞାନିକ ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ମଧ୍ୟ ଥିଲା ।ଏହି କାର୍ଯ୍ୟକ୍ରମ ସମୟରେ, ଅନୁଷ୍ଠାନର ବୈଜ୍ଞାନିକ ଓ କର୍ମଚାରୀମାନେ ଏକ କ୍ୱିଜ୍ ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସହ ଭାବବିନିମୟ କରିଥିଲେ, ଯେଉଁଥିରେ ସ୍ୱଚ୍ଛତା, ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ଏକ ସୁସ୍ଥ ପରିବେଶ ପଛରେ ଥିବା ବୈଜ୍ଞାନିକ କାରଣ ଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ବ୍ରିକ୍-ଆଇଏଲଏସ୍ର ବୈଜ୍ଞାନିକ-ଜି ଡ. ସତୀଶ ଦେବଦାସ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇଏଲ୍‌ଏସ୍ର ଆଇଓ ଶ୍ରୀ ଅମିତାଭ ରାଉତରାୟଙ୍କ ସମେତ ଶ୍ରୀ ପରିତୋଷ ନାଥ, ଶ୍ରୀ ପ୍ରଦୀପ ସାହୁ, ଶ୍ରୀ ସୁରେଶ ସିଂହ, ଆଇଏଲ୍‌ଏସ୍ର ଗବେଷଣା ଛାତ୍ରଛାତ୍ରୀ ଏବଂ ଆଶ୍ରମ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ ।ଏହି ପଦକ୍ଷେପଦ୍ୱାରା ସ୍ୱଚ୍ଛତା କେବଳ ଏକ ନାଗରିକ ଦାୟିତ୍ୱ ନୁହେଁ, ବରଂ ଏକ ସୁସ୍ଥ ଓ ନିରନ୍ତର ସମାଜର ଅତ୍ୟାବଶ୍ୟକତା ବୋଲି ଅନୁଷ୍ଠାନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିଲା ।

# ଆରମ୍ଭ ହେଲା ଏସିଆନ ଗେମ୍ସ: ଭାରତର ନେତୃତ୍ୱ ନେଲେ ମନୁ ଭାକର ଓ ପବନ ଶେରାୱତ




ନାଗୋୟା,: ଦିନକର ସାଙ୍ଗଠନିକ ସ୍ଥାନୀୟ ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ରଙ୍ଗାରଙ୍ଗ ହାଇଟେକ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ୨୦ତମ ଏସିଆନ ଗେମ୍ସ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ।୧୫ ଦିନ ଧରି ହେବାକୁ ଥିବା ଏହି ମହାଦେଶୀୟ କ୍ରୀଡ଼ା ମହୋତ୍ସବରେ ୪୫ଟି ଦେଶର ପ୍ରାୟ ୧୧,୦୦୦ ଆଥଲେଟ୍ ଅଂଶ ଗ୍ରହଣ କରିଛନ୍ତି । ସେମାନେ ୪୩ଟି କ୍ରୀଡ଼ା ଓ ୭୧ ସବ୍-ଇଭେଂଟରେ ଅଂଶଗ୍ରହଣ କରିବେ । ମୋଟ ୪୬୯ ସ୍ୱର୍ଣ୍ଣ ପଦକର ବ୍ୟବସ୍ଥା ରହିଛି । ଉଦ୍ ?ଯାପନୀ ଅକ୍ଟୋବର ୪ରେ ହେବ । ଟୋକିଓରେ ୧୯୫୮ ଏବଂ ୧୯୯୪ରେ ହିରୋସୀମା ପରେ ଜାପାନ ତୃତୀୟ ଥର ଏସିଆନ ଗେମ୍ସର ଆୟୋଜକ ହୋଇଛି ।ଦୁଇ ଘଂଟା ଧରି ଅନୁଷ୍ଠିତ ଏହି ସମାରୋହ ବେଳେ ଜାପାନ ସମ୍ରାଟ ନାରୁହିତୋ, ମହାରାଣୀ ମାସାକୋ, ରାଜକୁମାର ଆକିଶିନୋ ଓ ରାଜକୁମାରୀ କିକୋଙ୍କ ସମେତ ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆର ସଭାପତି ଶେଖ ଜୋଆନ ବିନ୍ ହାମାଦ ଅଲ୍ ଥାନି ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସଭାପତି କିର୍ଷ୍ଟି କୋଭେଂଟ୍ରି ପ୍ରମୁଖ ଉପସ୍ଥିତ ଥିଲେ ।ପ୍ରଥମେ ଜାପାନୀ ଜାତୀୟ ସଙ୍ଗୀତ ଗାନ ଏବଂ ପରେ ଜାତୀୟ ପତାକା ଉତୋଳନ ସହ ସହ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଥିଲା । ପତାକା ଉତୋଳନ ପୂର୍ବରୁ ଜାପାନିଜ ସେଲ୍‌ଫ ଡିଫେନ୍ସ ଫୋର୍ସର ୯ଜଣ ସଦସ୍ୟ ପତାକାକୁ ଷ୍ଟେଜ ଉପରକୁ ନେଇଥିଲେ । ଜାପାନ ସମ୍ରାଟ ନାରୁହିତୋଙ୍କ ଦ୍ୱାରା ଗେମ୍ସର ଅନୁଷ୍ଠାନିକ ଉଦ୍ ?ଘାଟନ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବ ବେଳେ ଷ୍ଟାଡିୟମ ଦର୍ଶକରେ ଭରପୂର ହୋଇଯିବା କଥା, ମାତ୍ର ଅନେକ ଆସନ ଖାଲି ପଡ଼ିଥିବା ଲକ୍ଷ୍ୟ କରାଯାଇଥିଲା ।ପରେଡ ବେଳେ ଆଫଗାନିସ୍ତାନ ସବୁଠାରୁ ଆଗରେ ରହିଥିଲା । ଏହାପରେ ଦ୍ୱିତୀୟ ସ୍ଥାନରେ କ୍ରୀଡ଼ାର ପାୱାର ହାଉସ୍ ବୋଲି କୁହଯାଉଥିବା ଚାଇନା ରହିଥିଲା, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଦଳରେ ୮୦୦ରୁ ଉର୍ଦ୍ଧ୍ୱ ଆଥଲେଟ୍ ରହିଥିଲେ । ଆଥଲେଟମାନଙ୍କ ପରେଡ୍ ? ବେଳେ ଭାରତର ଡବଲ ଅଲିମ୍ପିକ ପଦକ ବିଜେତା (୨୦୨୪ ପ୍ୟାରିସ) ମନୁ ଭାକର ଓ କବାଡ଼ି ଖେଳାଳି ପବନ ଶେରାୱତ ୫୦୧ ସଦସ୍ୟ ବିଶିଷ୍ଟ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ।ଠିକଣା ସମୟରେ ସେରିମୋନିଆଲ କିଟ୍ ପାଇ ନ ଥିବାରୁ ଶଟ୍‌ପୁଟର ତାଜିନ୍ଦରପାଲ ସିଂ ତୁରଙ୍କ ସ୍ଥାନରେ ଶେରାୱତ ଓ ଭାକର ଭାରତୀୟ ଦଳର ପତାକା ବାହକ ଦାୟିତ୍ୱ ନିର୍ବାହ କରିଥିଲେ ।

# ଭାରତ ପାଇଁ କ୍ରିକେଟ୍‌ରେ ଡେବ୍ୟୁ କଲେ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ





ରାଜକୋଟ, : ବାପାଙ୍କ ଭଳି କ୍ରିକେଟ ମଇଦାନରେ ପାଦ ଥାପିବାର ଆର୍ଯ୍ୟବୀର ସେହ୍ୱାଗଙ୍କ ଅପେକ୍ଷା ଶେଷ ହୋଇଛି । ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷରେ ରାଜକୋଟରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ପ୍ରଥମଥର ପାଇଁ ଭାରତ ଅଣ୍ଡର-୧୯ ଜର୍ସିରେ ମଇଦାନକୁ ଓହ୍ଲାଇଛନ୍ତି । ତେବେ ଡେବ୍ୟୁ ମ୍ୟାଚ୍ ?ରେ ଆର୍ଯ୍ୟବୀର ବଡ଼ ଇନିଂସ ଖେଳିପାରିନାହାନ୍ତି ।ଆର୍ଯ୍ୟବୀର ୨୬ଟି ବଲ୍‌ରେ ୨୮ ରନ କରି ପାଭିଲିୟନ ଫେରିଥିଲେ । ତାଙ୍କ ଇନିଂସରେ ୫ଟି ଚୌକା ରହିଥିଲା । ବର୍ଷା ଯୋଗୁ ୫୦ ଓଭରର ମ୍ୟାଚ୍‌କୁ ୨୦ ଓଭରକୁ କମାଇ ଦିଆଯାଇଥିଲା । ତେଣୁ ଭାରତୀୟ ଓପନରଙ୍କ ଉପରେ ଆରମ୍ଭରୁ ଦ୍ରୁତ ରନ କରିବାର ଚାପ ଥିଲା ।ଆର୍ଯ୍ୟବୀରଙ୍କ ଅଣ୍ଡର-୧୯ ଡେବ୍ୟୁ ନିଜ ଆଖିରେ ଦେଖିବା ପାଇଁ ତାଙ୍କ ବାପା ତଥା ଭାରତର ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ନିରଞ୍ଜନ ଶାହ ଷ୍ଟାଡିୟମରେ ଉପସ୍ଥିତ ଥିଲେ । ଷ୍ଟାଣ୍ଡରେ ବସି ପୁଅଙ୍କୁ ଭାରତ ଅଣ୍ଡର-୧୯ ଜର୍ସିରେ ଖେଳୁଥିବା ଦେଖୁଥିବା ସେହ୍ୱାଗଙ୍କ ଫଟୋ ସୋସିଆଲ ମିଡିଆରେ ମଧ୍ୟ ଚର୍ଚ୍ଚାକୁ ଆସିଛି । ଆର୍ଯ୍ୟବୀର ଏହା ପୂର୍ବରୁ ଘରୋଇ କ୍ରିକେଟ୍‌ରେ ମଧ୍ୟ ବ୍ୟାଟିଂ ଦ୍ୱାରା ନିଜ ପ୍ରତିଭାର ଝଲକ ଦେଖାଇଛନ୍ତି । ଆର୍ଯ୍ୟବୀର ବଡ଼ ସ୍କୋର କରିପାରି ନ ଥିବାବେଳେ ଭାରତୀୟ ଇନିଂସକୁ ଶେଷ ଆଡ଼କୁ ମଜଭୁତ କରିଥିଲେ ରାହୁଲ ଦ୍ରାବିଡଙ୍କ ସାନ ପୁଅ ଅନଭୟ ଦ୍ରାବିଡ ।୬ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅନଭୟ ମାତ୍ର ୧୮ଟି ବଲ୍ ?ରୁ ୩୮ ରନ୍ ?ରେ ଦ୍ରୁତ ଇନିଂସ ଖେଳିଥିଲେ । ତାଙ୍କ ଇନିଂସରେ ୨ଟି ଚୌକା ଓ ୩ଟି ଛକା ରହିଥିଲା । ଭାରତ ୮୮ ରନ୍‌ରେ ୪ଟି ଉଇକେଟ ହରାଇଥିବା ସମୟରେ ଅନଭୟଙ୍କ ଏହି ଦ୍ରୁତ ଇନିଂସ ଦଳକୁ ୧୫୦ ରନ ପାର କରାଇବାରେ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ।ଭାରତ ଅଣ୍ଡର-୧୯ ୨୦ ଓଭରରେ ୬ ଉଇକେଟ ହରାଇ ୧୮୨ ରନ କରିଥିଲା । ଜବାବରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିପାରିଥିଲା । ଫଳରେ ଭାରତ ୭ ରନ୍ ?ରେ ମ୍ୟାଚ ଜିତିଥିଲା ।ଭାରତର ବିଜୟରେ ଯଶବର୍ଦ୍ଧନ ଚୌହାନଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ବ୍ୟାଟିଂରେ ୫୪ ରନ କରିବା ସହ ବୋଲିଂରେ ୨ଟି ଉଇକେଟ ନେଇଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**